بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 44

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

04 ନଭେମ୍ବର 2021 | 04 ନବୁଓ୍ୱତ୍ 1400 ହି.ଶ | 28 ରବିଉଲ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَاَطِیۡعُوا اللّٰہَ وَاَطِیۡعُوا الرَّسُوۡلَ وَاحۡذَرُوۡا ۚ فَاِنۡ تَوَلَّیۡتُمۡ فَاعۡلَمُوۡۤا اَنَّمَا عَلٰی رَسُوۡلِنَا الۡبَلٰغُ الۡمُبِیۡنُ

(سورۃالمائدہ:93)

ଅନୁବାଦ- ଏବଂ ତୁମେମାନେ ଅଲ୍ଲାଃଙ୍କର ଆଜ୍ଞାପାଳନ କର ଓ ସେହି ରସୁଲ୍‌ଙ୍କର (ମଧ୍ୟ) ଆଜ୍ଞାପାଳନ କର ଏବଂ ସତର୍କ ରହ; କିନ୍ତୁ ଯଦି ତୁମେମାନେ (ଏହି ଚେତାବନୀ ସତ୍ତ୍ୱେ) ଫେରିଯାଅ ତେବେ ଜାଣିରଖ ଯେ କେବଳ ପ୍ରକାଶ୍ୟ ଭାବରେ (ଆମ୍ଭର ବାର୍ତା) ପହଂଚାଇ ଦେବା ଦାୟିତ୍ୱ ଆମ୍ଭ ରସୁଲଙ୍କର ଅଟେ ।

*(ଅଲ୍‌ମାଇଦା: ୯୩)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

---

**ମଣିଷ ଏତେ ଦୃବଳ ଯେ ସେ ଗୋଟିଏ ପାଦ ବି ଈଶ୍ୱରଙ୍କ କୃପା ଓ ସାହାଯ୍ୟ ବିନା ଚାଲିପାରିବ ନାହିଁ ।**

**ଯଦି ସେ ଏତେ ଗୁଡ଼ିଏ ଦୃବଳତାର ଶିକାର ତା'ହେଲେ ତା ପାଇଁ ଶାନ୍ତି ଓ ନିରାପତା ପାଇବାର ଏକ ମାତ୍ର ଉପାୟ ହେଉଛି ଏହା କି ପରମେଶ୍ୱରଙ୍କ ସହିତ ତା'ର ସମ୍ପର୍କ ସ୍ୱଷ୍ଟ ହେଉ ଏବଂ ସେ ତାହାଙ୍କ ପ୍ରକୃତ ଓ ବିଶ୍ୱସ୍ତ ଭକ୍ତ ହୋଇଯାଉ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଅଲ୍ଲାଃଙ୍କ ପାଇଁ ଉତ୍ସର୍ଗ ହୋଇଥିବା ବ୍ୟକ୍ତିର ସ୍ଥାନ

ଈଶ୍ୱରଙ୍କ କୃପା ଓ ସମର୍ଥନ ବିନା ମଣିଷ କିଛି ବି କରିପାରିବ ନାହିଁ । ମଣିଷ ଯେତେବେଳେ ଅଲ୍ଲାଃଙ୍କ ଆଡ଼କୁ ଟାଣି ହୋଇଯାଏ ଓ ତାହାଙ୍କଠାରେ ଲୀନ ହୋଇଯାଏ, ସେତେବେଳେ ତା ଦ୍ୱାରା ଏମିତି କାର୍ଯ୍ୟ ସାଧନ ହୋଇଥାଏ ଯାହାକୁ ଈଶ୍ୱରୀୟ କାର୍ଯ୍ୟ କୁହାଯାଏ । ଏପରି ବ୍ୟକ୍ତିଙ୍କ ଉପରେ ଅଧିକୋତମ ଆଲୋକର ସର୍ବୋଚ୍ଚ ଜ୍ୟୋତି ପ୍ରକାଶିତ ହୋଇଥାଏ । ମଣିଷ ଏତେ ଦୃବଳ ଯେ ସେ ଗୋଟିଏ ପାଦ ବି ଈଶ୍ୱରଙ୍କ କୃପା ଓ ସାହାଯ୍ୟ ବିନା ଚାଲିପାରିବ ନାହିଁ । ମୁଁ ତ ଏହା ବିଶ୍ୱାସ କରୁଛି ଯେ ଯଦି ଈଶ୍ୱରଙ୍କ ତରଫରୁ ତାକୁ ସାହାଯ୍ୟ ନ ମିଳେ, ତା'ହେଲେ ସେ ନିତ୍ୟକର୍ମ ସାରି ପାଇଜାମାର ରସିକୁ ବାନ୍ଧିବା ପାଇଁ ଶକ୍ତି ବି ପାଇବ ନାହିଁ । ଚିକିତ୍ସକମାନେ ଗୋଟିଏ ରୋଗ ବିଷୟରେ ଲେଖିଛନ୍ତି ଯେ ଗୋଟିଏ ଛିଙ୍କ ଦ୍ୱାରା ସେ ମରିଯାଇଥାଏ । ଏକଥା ଅବଶ୍ୟ ମନେରଖ ଯେ ମଣିଷ ହେଉଛି ଦୁର୍ବଳତାର ସମାହାର । ତେଣୁ ଏଥିପାଇଁ ସର୍ବଶକ୍ତିମାନ ଅଲ୍ଲାଃ ଏହା କହିଛନ୍ତି:- **ଖୁଲିକଲ୍ ଇନ୍‌ସାନୁ ଜଇଫା (ନିସା:୨୯)** ଅର୍ଥାତ:- ମଣିଷ ଦୃବଳ ସୃଷ୍ଟି ହୋଇଛି । ତା ନିଜର ତ କିଛି ବି ନାହିଁ । ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ମଣିଷର ଯେତେ ଅଙ୍ଗପ୍ରତ୍ୟଙ୍ଗ ଅଛି ତା'ଠାରୁ ଅଧିକା ରୋଗ ତାକୁ ଲାଗି ରହିଛି । ପୁଣି ଯଦି ସେ ଏତେ ଗୁଡ଼ିଏ ଦୃବଳତାର ଶିକାର ତା'ହେଲେ ତା ପାଇଁ ଶାନ୍ତି ଓ ନିରାପତା ପାଇବାର ଏକ ମାତ୍ର ଉପାୟ ହେଉଛି ଏହା କି ପରମେଶ୍ୱରଙ୍କ ସହିତ ତା'ର ସମ୍ପର୍କ ସ୍ୱଷ୍ଟ ହେଉ ଏବଂ ସେ ତାହାଙ୍କ ପ୍ରକୃତ ଓ ବିଶ୍ୱସ୍ତ ଭକ୍ତ ହୋଇଯାଉ । ସେଥିସକାଶେ ତା ପାଇଁ ଏହା ଜରୁରୀ ଅଟେ ଯେ ସେ ସତ୍ୟ ଓ ଆନ୍ତରିକତାକୁ ଗ୍ରହଣ କରୁ ।

ଶାରିରୀକ ଓ ଭୌତିକ ବ୍ୟବସ୍ଥାର କଳ ବି ସତ୍ୟ ଉପରେ ଆଧାରିତ । ଯେଉଁମାନେ ସତ୍ୟକୁ ତ୍ୟାଗ କରିଥାନ୍ତି ଏବଂ ବିଶ୍ୱାସଘାତ କରି ଅପରାଧକୁ ଲୁଚାଇବା ପାଇଁ ମିଥ୍ୟାକୁ ରକ୍ଷା କବଚ ଭାବରେ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**କୟାମତ୍‌ର (ଉଦାହରଣ) ଏପରି କି ଯଦି ଜଣେ ଲୋକର ଜୀବନ କେବଳ ଏ ଦୁନିଆରେ ଶେଷ ହୋଇଯାଏ ତା ହେଲେ ସତେ ଯେପରି ଏତେ ବଡ଼ ଏ ଦୁନିଆକୁ ଅଲ୍ଲାଃ ତାଲା କେବଳ ଏଥିପାଇଁ ସୃଷ୍ଟି କରିଛି ଯେ ମଣିଷ ସେଥିରେ ଜନ୍ମ ହେଉ, କିଛି ଦିନ ଖାଉ ପିଉ ଏବଂ ପୁଣି ମରିଯାଉ । ଏପରି ଧାରଣା ସମ୍ପୂର୍ଣ୍ଣ ରୂପେ ଅଯୌକ୍ତିକ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜର୍‌ର ଆୟତ ନଂ-୮୬ **ଓ୍ୱମା ଖଲକ୍‌ନସ୍ ସମାଓ୍ୱାତି ଓ୍ୱଲ୍ ଅର୍‌ଜା ଓ୍ୱମା ବଇନହୁମା ଇଲ୍ଲା ବିଲ୍‌ହକ୍‌କି ଓ୍ୱ ଇନ୍ନସ୍ ସାଅତା ଲ ଆତିୟତୁନ୍ ଫସ୍‌ଫହିସ୍ ସଫ୍‌ହଲ୍ ଜମିଲା** ର ବ୍ୟାଖ୍ୟା କରି କହିଛନ୍ତି:-

ଅର୍ଥାତ ଆକାଶ ଓ ପୃଥିବୀର ସୃଷ୍ଟି ବିଷୟରେ ଚିନ୍ତା କରି ଦେଖ କଣ ତାହା ବିନା କୌଣସି ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିବାର ଦେଖାଯାଉଛନ୍ତି କି ? ଏହି କାରଖାନାକୁ ଦେଖିବା ଦ୍ୱାରା ପ୍ରତ୍ୟେକ ଜ୍ଞାନୀ ଏହା ବୁଝିପାରିବେ ଯେ ଏତେ ବଡ଼ ବ୍ୟବସ୍ଥାର ଉଦ୍ଦେଶ୍ୟ କ'ଣ ? ପୁଣି ସେ ଏ ସିଦ୍ଧାନ୍ତରେ ଉପନୀତ ହୋଇପାରିବ ଯେ ସାଆତ୍ ନିଶ୍ଚିତ ଆସିବ । ସାଆତ୍ ଶବ୍ଦଟି କୟାମତ (ମହାପ୍ରଳୟ) ପାଇଁ ମଧ୍ୟ ବ୍ୟବହାର ହୋଇଥାଏ ଏବଂ ସେହି ପ୍ରତିଶୃତି ସମୟ ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ ଯାହା ନବୀମାନଙ୍କ ଶତୃମାନଙ୍କର ବିନାଶ ଓ ସେମାନଙ୍କ ଉପରେ ବିଶ୍ୱାସ ଆଣିଥିବା ଲୋକମାନଙ୍କ ଉନ୍ନତି ପାଇଁ ଧାର୍ଯ୍ୟ ହୋଇଥାଏ । ଆୟତର ପ୍ରଥମ ଭାଗ ଉଭୟ ସାଆତ୍ ପାଇଁ ଏକ ପ୍ରମାଣ । ପୃଥିବୀ ଓ ଆକାଶର ସୃଷ୍ଟି ବି କୟାମତ୍‌ର ପ୍ରମାଣ ଏବଂ ନବୀମାନଙ୍କ ସଫଳତା ଓ ସେମାନଙ୍କ ଶତୃମାନଙ୍କର ବିନାଶର ବି (ପ୍ରମାଣ) ।

କୟାମତ୍‌ର (ଉଦାହରଣ) ଏପରି କି ଯଦି ଜଣେ ଲୋକର ଜୀବନ କେବଳ ଏ ଦୁନିଆରେ ଶେଷ ହୋଇଯାଏ ତା ହେଲେ ସତେ ଯେପରି ଏତେ ବଡ଼ ଏ ଦୁନିଆକୁ ଅଲ୍ଲାଃ ତାଲା କେବଳ ଏଥିପାଇଁ ସୃଷ୍ଟି କରିଛି ଯେ ମଣିଷ ସେଥିରେ ଜନ୍ମ ହେଉ, କିଛି ଦିନ ଖାଉ ପିଉ ଏବଂ ପୁଣି ମରିଯାଉ । ଏପରି ଧାରଣା ସମ୍ପୂର୍ଣ୍ଣ ରୂପେ ଅଯୌକ୍ତିକ । ଏତେ ବଡ଼ ବ୍ୟବସ୍ଥା ସୃଷ୍ଟି କରିବା ଏକ ବିରାଟ ଉଦ୍ଦେଶ୍ୟ ପାଇଁ ହିଁ ହୋଇପାରେ ଏବଂ ସେହି ଉଦ୍ଦେଶ୍ୟ ଏ ଦୁନିଆରେ ପୂରଣ ହେବାର ଦେଖାଯାଉନାହିଁ । ତେଣୁ ଏହା ଜରୁରୀ ଅଟେ ଯେ ମଣିଷର ଜୀବନ ଏହି ସାଂସାରିକ

## ନବୀ ସ:ଆ:ସଙ୍କ ବାଣୀ

### ମାଗିବାକୁ ନିନ୍ଦା ଓ ସେଥିରୁ ନିବୃତ ରହିବା ପାଇଁ ଉପଦେଶ

(୧୪୮୦) ହଜ୍‌ରତ୍ ଅବୁ ହୁରୈରା ର:ଅ ବର୍ଣ୍ଣନା କରିଛନ୍ତି ଯେ ନବୀ କରିମ୍ ସ:ଆ:ସ କହିଛନ୍ତି: ତୁମମାନଙ୍କ ମଧ୍ୟରୁ ଜଣେ ନିଜର ଦଉଡ଼ିକୁ ସାଥିରେ ଧରି ପାହାଡ଼ ଆଡ଼କୁ ଯାଉ, କାଠ ସଂଗ୍ରହ କରି ତାକୁ ବିକ୍ରି କରୁ । ପୁଣି (ସେହି ଅର୍ଥକୁ ଖର୍ଚ୍ଚ କରି) ଖାଉ ଓ ସଦ୍‌କା ମଧ୍ୟ ଦେଉ । ଲୋକମାନଙ୍କଠାରୁ ମାଗିବା ଅପେକ୍ଷା ଏହା ତା ପାଇଁ ଉତ୍କୃଷ୍ଟ ।

### ନିଜ ଦ୍ୱାରା ଦାନ ଦିଆଯାଇଥିବା ଜିନିଷ କିଣିବାକୁ ବାରଣ

(୧୪୮୯) ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ ଏହା କହୁଥିଲେ ଯେ ହଜରତ ଉମର୍ ବିନ୍ ଖତାବ୍ ର:ଅ ଅଲ୍ଲାଃ ତାଲାଙ୍କ ମାର୍ଗରେ ଗୋଟିଏ ଘୋଡ଼ା ଦାନ କରିଥିଲେ । ପୁଣି ଯେତେବେଳେ ସେ ତାକୁ ବିକ୍ରି ହେଉଥିବାର ଦେଖିଲେ ତାକୁ କିଣିବାକୁ ଚାହିଁଲେ । ତା'ପରେ ସେ ନବୀ ସ:ଆ:ସଙ୍କ ନିକଟକୁ ଆସି ମହାଭାଗ ସ:ଆ:ସଙ୍କଠାରୁ ଏଥି ସକାଶେ ଅନୁମତି ଚାହିଁଲେ । ମହାଭାଗ ସ:ଆ:ସ କହିଲେ ତୁମେ ତୁମ ଦାନକୁ ପୁଣି ଫେରାଇ ନିଅ ନାହିଁ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରିତ ୨୦୦୮ କାଦିଆନ୍)***

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧ ୨ ୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ ।

***(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

ଜୀବନ ଭିତରେ ଶେଷ ନ ହେଉ ବରଂ ଏହି ବ୍ୟବସ୍ଥାର ମହାନତା ଅନୁଯାୟୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହୁ ଯେଉଁଥିରେ ସେ ଏପରି ଉଚ୍ଚ ସ୍ତରକୁ ପ୍ରାପ୍ତ କରିନେବ ଯାହା ଏହି ବ୍ୟବସ୍ଥାର ମହାନତା ମୁତାବିକ ହୋଇଥିବ ।

ଯଦି ଚିନ୍ତା କରି ଦେଖାଯାଏ ତେବେ ସମଗ୍ର ବ୍ୟବସ୍ଥାକୁ ଅଲଗା ରଖନ୍ତୁ, ଅଲ୍ଲାଃ ତାଲା ଛୋଟ ଛୋଟ ଜିନିଷରେ ଏପରି ରହସ୍ୟ ରଖିଛନ୍ତି ଯେ ତାହା ଶେଷ ହେଉନାହିଁ । ମଣିଷ ଶରୀରକୁ ଦେଖିନିଅ ତାହାର ଅବସ୍ଥା / ସିଷ୍ଟମ୍ କେତେ ଜଟିଳ । ଲକ୍ଷ ଲକ୍ଷ ଡ଼ାକ୍ତର ବୈଦ୍ୟ ଏବଂ ପ୍ରବୀଣ ଗବେଷକମାନେ ତାହାର ସତ୍ୟାସତ୍ୟକୁ ଜାଣିବା ପାଇଁ ଚେଷ୍ଟା କରିଚାଲିଛନ୍ତି କିନ୍ତୁ ଏ ପର୍ଯ୍ୟନ୍ତ ସେମାନେ ମାନବ ଶରୀର ସହିତ ଜଡ଼ିତ ପ୍ରସଙ୍ଗଗୁଡ଼ିକୁ ଆୟତ କରିବାକୁ ସକ୍ଷମ ହୋଇ ନାହାନ୍ତି । ପବିତ୍ର କୁର୍ଆନ୍ ଅବତୀର୍ଣ୍ଣ ହେବାର ଯୁଗ ପରେ ୟୁରୋପ ବିଜ୍ଞାନରେ ବଡ଼ ବଡ଼ ସଫଳତା ହାସଲ କରିସାରିଛି କିନ୍ତୁ ଏ ପର୍ଯ୍ୟନ୍ତ ମାନବ ଶରୀର ପ୍ରସଙ୍ଗରେ ସମ୍ପୁର୍ଣ୍ଣ ଭାବରେ ଜ୍ଞାନ ଆହରଣ କରିପାରିନାହିଁ । ପୁଣି (ଟିକିଏ ଚିନ୍ତା କରି ଦେଖନ୍ତୁ) ଯେ ଏତେ ବ୍ୟାପକ ନିୟମ ଉପରେ ଯେଉଁ ଅସ୍ତିତ୍ୱର ଆଧାର ରଖାଯାଇଅଛି, ତାହାର ସୃଷ୍ଟିର ଉଦ୍ଦେଶ୍ୟକୁ ଏତେ ତୁଚ୍ଛ ଓ ନଗଣ୍ୟ ବୋଲି କହିବା ଯେମିତି କୟାମତକୁ ଅସ୍ୱୀକାର କରୁଥିବା ଲୋକେ କହିଥାନ୍ତି, କିପରି ଯୁକ୍ତିଯୁକ୍ତ ବୋଲି ବିବେଚନା କରାଯାଇପାରିବ ।

ସେହିଭଳି ଏ ବ୍ୟବସ୍ଥା ଅମ୍ବିୟା (ଭବିଷ୍ୟତ୍‌ବକ୍ତା)ମାନଙ୍କର ସଫଳତା ଏବଂ ତାଙ୍କ ଶତ୍ରୁମାନଙ୍କର ବିନାଶକୁ ମଧ୍ୟ ସାବ୍ୟସ୍ତ କରିଥାଏ । ପୃଥିବୀକୁ ଆକାଶଠାରୁ ଅଲଗା କରିଦିଅ ପୁଣି ଦେଖ ତା'ର ଅବସ୍ଥା କଣ ହେବ । ଗୋଟିଏ ଦିନ ବି ତିଷ୍ଠି ପାରିବ ନାହିଁ । ଅତଏବ ଯେଉଁ ଲୋକମାନେ ଏକଥା ଭାବୁଛନ୍ତି ଯେ ଆଧ୍ୟାତ୍ମିକ ଆକାଶରୁ ଅଲଗା ହୋଇ ବଂଚିଯିବେ ବୋଲି, ସେମାନେ କେଡ଼େ ଅନ୍ଧ । ଯେଉଁଭଳି ଏହି ସିଦ୍ଧ ପ୍ରଣାଳୀର ଏକ ଅଂଶ ଭାବରେ ରହି ଏ ପୃଥିବୀ ସୁରକ୍ଷିତ ରହିପାରିବ ସେହିଭଳି ଆଧ୍ୟାତ୍ମିକ ବ୍ୟବସ୍ଥାର ଅଂଶ ହେବା ଯୋଗୁଁ ମଣିଷ ବିନାଶରୁ ବଂଚିପାରିବ । ଅନ୍ୟଥା ବଂଚିବାର ଅନ୍ୟ କୌଣସି ଉପାୟ ନାହିଁ । ବିଶେଷତଃ ଯେତେବେଳେ ସେ ଏହି ବ୍ୟବସ୍ଥା/ ସିଷ୍ଟମ ଉପରେ ଆକ୍ରମଣ କରୁଥାଏ, ସେତେବେଳେ ସେଥିରୁ ବଂଚିବା ସମ୍ପୁର୍ଣ୍ଣ ଅସମ୍ଭବ । ସୁତରାଂ ନବୀ କରିମ୍ ସ:ଆ:ସଙ୍କର ପ୍ରତ୍ୟାଖ୍ୟାନ କରୁଥିବା ଲୋକମାନଙ୍କୁ ଏକଥା ବତାଯାଇଅଛି ଯେ ଆଧ୍ୟାତ୍ମିକ ଆକାଶରୁ ଅଲଗା ହୋଇଯିବା ଯୋଗୁଁ ସେମାନଙ୍କର ସାମଗ୍ରୀ ମଧ୍ୟ କୌଣସି କାର୍ଯ୍ୟରେ ଆସିବେ ନାହିଁ ବରଂ ସେମାନଙ୍କର ବିନାଶ ଓ ମୁସଲମାନମାନଙ୍କ ଉନ୍ନତିର ସମୟ ଆସି ପହଂଚି ଯାଇଛି । *(ତଫ୍‌ସୀର୍ କବୀର୍, ଖଣ୍ଡ-୪, ପୃ-୧୦୭, ମୁଦ୍ରିତ ୨୦୧୦ କାଦିଆନ୍)*

⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ବ୍ୟବହାର କରିବାକୁ ଚିନ୍ତା କରିଥାନ୍ତି, ସେମାନେ ଭିଣଷ ଭୂଲ କରୁଛନ୍ତି ।

## ମିଥ୍ୟା ମଣିଷର ହୃଦୟକୁ ଅନ୍ଧାକର କରିଦିଏ

କ୍ଷଣିକ ପାଇଁ ବା ଅସ୍ଥାୟୀ ଭାବରେ ମଣିଷ ବୋଧ ହୁଏ ଏଥିରେ କିଛି ଲାଭ ଦେଖିପାରେ କିନ୍ତୁ ବାସ୍ତବ ହେଉଛି ଏହା କି ମିଥ୍ୟା ଗ୍ରହଣ କରିବା ଦ୍ୱାରା ମଣିଷର ହୃଦୟ ଅନ୍ଧାକରମୟ ହୋଇଯାଏ ଓ ଭିତରୁ ଭିତରୁ ତାକୁ ଫମ୍ପା କରି ଦେଇଥାଏ । ଗୋଟିଏ ମିଥ୍ୟା ପାଇଁ ତାକୁ ଆହୁରି ଅନେକ ମିଥ୍ୟା କହିବାକୁ ପଡ଼ିଥାଏ କାରଣ ପ୍ରାରମ୍ଭିକ ମିଥ୍ୟାକୁ ସତ୍ୟ ଭାବରେ ଚିତ୍ରିତ କରିବାକୁ ହୁଏ । ଫଳତଃ ଏହିପରି ତା ଭିତରୁ ତା'ର ନୈତିକ ଓ ଆଧ୍ୟାତ୍ମିକ ଶକ୍ତି ଶୁଖିବା ଆରମ୍ଭ ହୋଇଯାଏ । ପରିଶେଷରେ ତା ସାହାସ ଓ ଧୃଷ୍ଟତା ଏତେ ପରିମାଣରେ ବଢ଼ିଯାଇଥାଏ ଯେ ସେ ଈଶ୍ୱରଙ୍କ ବିରୁଦ୍ଧରେ ବି ମିଥ୍ୟା ରଚନା କରିଥାଏ ଏବଂ ଈଶ୍ୱରଙ୍କ ଦୂତମାନଙ୍କୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଦିଏ । ଫଳତଃ ଈଶ୍ୱରଙ୍କ ନିକଟରେ ସେ ଅଜ୍‌ଲମ୍ (ଅର୍ଥାତ ସବୁଠାରୁ ବଡ଼ ଅତ୍ୟାଚାରୀ) ଭାବରେ ବିବେଚିତ ହୋଇଥାଏ । ଯେଉଁ ସର୍ବଶକ୍ତିମାନ ଅଲ୍ଲାଃ ଏହା କହିଛନ୍ତି:- **ମନ୍ ଅଜ୍‌ଲମୁ ମିମ୍ମନିଫତରା ଅଲଲ୍ଲାହି କଜିବନ୍ ଅଓ କଜ୍ଜବା ବିଆୟାତିହି (ଅଲ୍‌ଅନ୍‌ଆମ୍:୨୧)** ଅର୍ଥାତ:- ଯେ ଅଲ୍ଲାଃଙ୍କ ପ୍ରତି ମିଥ୍ୟା ରଚନା କରେ ବା ତାହାଙ୍କର ନିଦର୍ଶନଗୁଡ଼ିକ ପ୍ରତି ମିଥ୍ୟାରୋପ କରେ ତାହାଠାରୁ ଅଧିକ ଅତ୍ୟାଚାରୀ ଆଉ କିଏ ହୋଇପାରେ ? ନିଶ୍ଚିତ ରୂପେ ଏକଥା ମନେରଖ ଯେ ମିଥ୍ୟା ହେଉଛି ଅତ୍ୟନ୍ତ ଖରାପ ଜିନିଷ, ତାହା ମଣିଷକୁ ଶେଷ କରିଦିଏ । ଆ'ଠାରୁ ବଳି ମିଥ୍ୟାର ବିପଜନ୍ନକ ପରିଣାମ କଣ ହୋଇପାରେ ଯେ ମଣିଷ ଈଶ୍ୱରଙ୍କ ଦୂତମାନଙ୍କୁ ଏବଂ ତାହାଙ୍କ ନିଦର୍ଶନଗୁଡ଼ିକୁ ପ୍ରତ୍ୟାଖ୍ୟାନ ଓ ଅସ୍ୱୀକାର କରି ଦଣ୍ଡ ପାଇବା ଯୋଗ୍ୟ ହୋଇଯାଇଥାଏ ତେଣୁ ସତ୍ୟକୁ ଗ୍ରହଣ କର ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୩୩ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)*

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଦୂର ହୋଇଯାଇଥିଲା ଏବଂ ସେ ଆଶ୍ୱସ୍ତ ହୋଇଥିଲେ । ସେ ନିଜ ସମସ୍ତ ଖର୍ଚ୍ଚ ବହନ କରି ସେହି ସମସ୍ତ ସନ୍ଦେହଗୁଡ଼ିକୁ ଦୂର କରିବା ପାଇଁ ଆର୍ଜେଂଟାଇନ୍‌ରୁ ୟୁ.କେ ଜଲ୍‌ସା ସାଲାନାରେ ପହଂଚିଥିଲେ । ତା'ପରେ ସେ ଯମାତ୍‌ରେ ସାମିଲ ହୋଇଗଲେ । ନିଜର ପରିବାରରେ ସେ ଏକାକି ମୁସଲମାନ ଥିଲେ ତାଙ୍କ ବନ୍ଧୁମାନେ ଶେଷ ପର୍ଯ୍ୟନ୍ତ ତାଙ୍କୁ ଭ୍ରମିତ କରି ଜମାତ୍‌ରୁ ଦୁରେଇ ରଖିବା ପାଇଁ ପ୍ରୟାସ କରିଥିଲେ କିନ୍ତୁ ସେ ନିଜ ବିଶ୍ୱାସରେ ଅଟଳ ରହିଥିଲେ ତାଙ୍କ ମନରେ ଯମାତ୍ ପ୍ରତି ବେଶ୍ ଅନୁରାଗ ଓ ସ୍ୱାଭିମାନ ରହିଥିଲା । ସର୍ବଦା ଅଣଅହେମଦୀଙ୍କ ସମ୍ମୁଖରେ ବେଶ୍ ସାହାସକିତାର ସହିତ ଜମାତ୍‌ର ପରିଚୟ କରୁଥିଲେ । ଯମାତ୍‌ର କାର୍ଯ୍ୟକ୍ରମରେ ବେଶ୍ ଆବେଗ ଓ ଉତ୍ସାହର ସହିତ ସାମିଲ ହେଉଥିଲେ । ଅଲ୍ଲାଃ ତାଲା ମୃତକଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଅଭିବୃଦ୍ଧି କରନ୍ତୁ । ତାଙ୍କ ପ୍ରିୟଜନଙ୍କୁ ମଧ୍ୟ ଯମାତ୍‌ରେ ସାମିଲ କରାନ୍ତୁ ଏଥିପାଇଁ ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ନମାଜ ପରେ ମୁଁ ଏ ସଭିଙ୍କର ନମାଜ ଯନାଜାଃ ଗାଏବ୍ ପାଠ କରାଇବି ।

⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ବର୍ଣ୍ଣନା କରିଛନ୍ତି । ସେହିପରି ହଜରତ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହେମୁଲ୍ଲାଃ ତାଲା ମଧ କେତେକ ମଜ୍‌ଲିସ୍ ଇର୍‌ଫାନ୍‌ରେ ଓ ଦରସୁଲ୍ କୁର୍‌ଆନ୍‌ରେ ଦାସିମାନଙ୍କ ସମ୍ବନ୍ଧରେ ବ୍ୟାଖ୍ୟା କରି ଏହି ଚିନ୍ତାଧାରାକୁ ବର୍ଣ୍ଣନା କରିଛନ୍ତି ଯେ ସେହି ଦାସିମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିବା ପାଇଁ ଅନୁଷ୍ଠାନିକ ରୂପେ ନିକାହ୍‌ର ଆବଶ୍ୟକତା ହେଉନଥିଲା ।

ଏଠାରେ ଏକଥା ସ୍ୱଷ୍ଟ କରି ବର୍ଣ୍ଣନା କରିବାକୁ ମୁଁ ଜରୁରୀ ମଣୁଛି ଯେ ପବିତ୍ର କୁର୍‌ଆନ୍‌ର ଏହିପରି ବିଷୟ ବସ୍ତୁର ବ୍ୟାଖ୍ୟା, ଯାହାର ସମ୍ବନ୍ଧ ଅତୀତ ସହିତ ରହିଛି, ସେଥିରେ ଖଲିଫାମାନଙ୍କ ରାୟରେ ତଥା ମତ ପ୍ରକାଶରେ ଭିନ୍ନତା ପରିଲକ୍ଷିତ ହେବା କୌଣସି ଆପତିଜନକ କଥା ନୁହେଁ । ବରଂ ଏହା ପ୍ରତ୍ୟେକ ଖଲିଫାଙ୍କର କୁର୍‌ଆନ୍‌କୁ ବୁଝିବାର ନିଜସ୍ୱ ଶୈଳୀ ଏବଂ ଖଲିଫାମାନଙ୍କର ଆପୋଷରେ ଏପରି ମତ ପାର୍ଥକ୍ୟ ଦେଖାଯିବାରେ କୌଣସି ଆପତି ନାହିଁ ।

ଯେମିତି କି ମୁଁ ଏହା ବର୍ଣ୍ଣନା କରିସାରିଛି ଯେ ମୋର ଏ ସମ୍ବନ୍ଧରେ ଯେଉଁ ଚିନ୍ତାଧାରା ରହିଛି, ତାହା ହେଉଛି ଏହା କି ଶତ୍ରୁପକ୍ଷର ଏପରି ମହିଳାମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିବା ପାଇଁ ନିକାହ୍‌ର ଆବଶ୍ୟକ ହେଉନଥିଲା । ମୋ ସମୟରେ ଯମାତ୍‌ର କାର୍ଯ୍ୟପନ୍ଥା ଏହିପରି ରହିବ । କିନ୍ତୁ ହୋଇପାରେ ମୋ ଅନ୍ତେ ଆଗକୁ ଯେଉଁ ଖଲିଫା ଆସିବେ, ସେମାନଙ୍କର ଚିନ୍ତାଧାରା ଏହାର ବିପରୀତ ହୋଇପାରେ । ଯଦି ଏମିତି ହୁଏ ତା'ହେଲେ ସେ ସମୟରେ ତାହା ହିଁ ଜମାତ୍‌ର ଚିନ୍ତାଧାରା ବିବେଚନା ହେବ ଯାହା ସେ ସମୟର ଖଲିଫାଙ୍କ ଚିନ୍ତାଧାରା ଥିବ ।

ଏତଦ୍‌ବ୍ୟତୀତ ଏକଥା ମଧ୍ୟ ମନେରଖିବା ଉଚିତ ହେବ ଯେ ଏ ଯୁଗରେ କେଉଁଠି ବି ସେ ସମୟ ଭଳି ଯୁଦ୍ଧ ହେଉନାହିଁ, ଯାହା ଇସ୍‌ଲାମ୍‌କୁ ଧ୍ୱଂସ କରିବା ପାଇଁ ଅନୁଷ୍ଠିତ ହେଉଥିବ ଓ ସେହି ଯୁଦ୍ଧରେ ମୁସଲମାନ ମହିଳାମାନଙ୍କ ସହିତ ଏପରି ବ୍ୟବହାର କରାଯାଉଥିବ, ସେମାନଙ୍କୁ ଦାସି ବନାଯାଉଥିବ । ତେଣୁ ଏବେ ଏ ଯୁଗରେ ମୁସଲମାନମାନଙ୍କ ପାଇଁ ମଧ୍ୟ ଏପରି କରିବା ବେଆଇନ୍ ଓ ହରାମ୍ ।

ଆପଣ ନିଜ ଚିଠିରେ ଏକଥା ବି ଲେଖିଛନ୍ତି ଯେ ଲଜ୍‌ନା ଇମାଇଲ୍ଲା ଇଲ୍ଲମି ର୍‍ୟାଲି ଅବସରରେ ଗୋଟିଏ ଡ଼କ୍ୟୁମେଂଟାରୀ ଫିଲ୍ମର ଆରମ୍ଭରେ ଏକ ଦେଢ଼ ମିନିଟର ମ୍ୟୁଜିକ ଲଗାଇଛନ୍ତି ।

ଯେମିତି କି ଆପଣ ଏକଥା ଲେଖିଛନ୍ତି ଯେ ଏହା ଏକ ଡ଼କ୍ୟୁମେଂଟାରୀ ଫିଲ୍ମ ଥିଲା । ଯେହେତୁ ଏହ ଡ଼କ୍ୟୁମେଂଟାରୀ ଫିଲ୍ମ ଥିଲା ଓ ଆମେ ତାକୁ ପ୍ରସ୍ତୁତ କରିନଥିଲୁ ବରଂ ସେହି ଫିଲ୍ମର ନିର୍ମାତା ସେଥିରେ ମ୍ୟୁଜିକକୁ ସାମିଲ କରିଥିଲେ ତେଣୁ ଆମେ କେମିତି ସେହି ଫିଲ୍ମରୁ ତାକୁ କାଟି ପାରିଥାନ୍ତୁ । ତେଣୁ ଏଥିରେ କୌଣସି ଅସୁବିଧା ନାହିଁ । ବାସ୍ତବପକ୍ଷେ ସେହି ହଦିସ୍‌ରେ ବର୍ଣ୍ଣିତ ଥିବା ରସୁଲୁଲ୍ଲାଃ ସ:ଆ:ସଙ୍କ ବାଣୀ ମୁତାବକ ଏହା ହେଉଛି ଦଜ୍ଜାଲ୍‌ର ଏପରି ଧୁଆଁ ଯେଉଁଥିରୁ ବଂଚିବା ଅସମ୍ଭବ ।

ଯେଉଁଠି ଆମ ଦ୍ୱାରା ପ୍ରସ୍ତୁତ ହେଉଥିବା ପ୍ରୋଗ୍ରାମ୍ ତଥା ଏମ୍.ଟି.ଏ ର କଥା ଉଠୁଛି, ତେବେ ଅଲ୍ଲାଃ ତାଲାଙ୍କ କୃପାରୁ ଏହି ପ୍ରୋଗ୍ରାମଗୁଡ଼ିକ ମ୍ୟୁଜିକରୁ ସମ୍ପୁର୍ଣ୍ଣ ରୂପେ ପବିତ୍ର ଅର୍ଥାତ ଆମ ପ୍ରୋଗ୍ରାମ୍‌ରେ ମ୍ୟୁଜିକ୍ ନାହିଁ ଓ ଆମର ହେଉଛି ଏହି ନମୁନା ଯାହାକୁ ସତ୍ୟଧର୍ମ ଭାବରେ ଉପସ୍ଥାପନ କରାଯିବା ଉଚିତ ଏବଂ ଅଲ୍ଲାଃଙ୍କ କୃପାରୁ ଏହି ଇସ୍‌ଲାମୀୟ ଆଦର୍ଶକୁ ଏମ୍.ଟି.ଏର ସମସ୍ତ ପ୍ରୋଗ୍ରାମରେ ସବୁ ସ୍ଥାନରେ ପେଶ୍ କରାଯାଉଅଛି ।

⌘⌘⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହଜରତ ଉମର୍ ଫାରୁକ ର:ଅଙ୍କ ଖିଲାଫତ୍ ଯୁଗରେ ଇସ୍‌ଲାମ ସାମ୍ରାଜ୍ୟର ପରିସର ଦୂରଦୂରାନ୍ତ ଅଂଚଳର ସୀମାଗୁଡ଼ିକୁ ଛୁଇଁବା ଆରମ୍ଭ କଲା । ଇସ୍‌ଲାମିକ ସାମ୍ରାଜ୍ୟ ପୂର୍ବରେ ଥିବା ଜେହୁନ୍ ନୀଦ ଏବଂ ସିନ୍ଧୁ ନଦୀଠାରୁ ଆରମ୍ଭ ହୋଇ ପାଶ୍ଚାତ୍ୟ ଇଲାକାର ଆଫ୍ରିକାର ମରୁଭୂମି ପର୍ଯ୍ୟନ୍ତ ଏବଂ ଉତରରେ ଏସିଆର କୋଚକ୍ ପାହାଡ଼ ପର୍ଯ୍ୟନ୍ତ ଏବଂ ଅର୍‌ମାନିୟାଠାରୁ ନେଇ ଦକ୍ଷିଣରେ ବହ୍‌ରୁଲ୍ କାହିଲ୍ ଓ ନୌବାଃ ପର୍ଯ୍ୟନ୍ତ ଏକ ବିଶ୍ୱସ୍ତରୀୟ ଦେଶ ଭାବରେ ବିଶ୍ୱ ମାନଚିତ୍ରରେ ଉଭା ହେଲା ।**

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା**

**ଫରମା ଯୁଦ୍ଧ, ବିଲ୍‌ବିସ୍ ବିଜୟ, ଉମ୍ ଦୁନୈନ୍ ବିଜୟ, ଫୁସ୍‌ତାତ୍ ଯୁଦ୍ଧ, ଇସ୍‌କନ୍ଦରିୟା ବିଜୟ ଏବଂ ବର୍‌କା ଓ ତରାବ୍ଲିସ୍ ବିଜୟ ଇତ୍ୟାଦି ଗାଥାର ବିସ୍ତୃତ ବିବରଣୀ । ପ୍ରାଚ୍ୟ ବିଦ୍ୟାବିଷାରଦମାନଙ୍କ ତରଫରୁ ହଜରତ ଉମର୍ ର:ଅଙ୍କ ନିର୍ଦ୍ଦେଶାନୁଯାୟୀ ଇସ୍‌କନ୍ଦରିୟାର ଲାଇବ୍ରେରୀରେ ନିଆଁ ଲଗାଯିବା ଘଟଣା ଉପରେ ଆରୋପ ଲଗାଯିବାର ବିସ୍ତୃତ ବିଶ୍ଲେଷଣ ।**

**ଏକଥା ମନେରଖନ୍ତୁ ଯେ ଦୁଃଖ ଏବଂ ଅସୁବିଧା ଆମକୁ ଈଶ୍ୱରଙ୍କ ନିକଟରେ ପହଂଚାଇବାର ମାଧ୍ୟମ ହେଉ ଏବଂ ଏହା ହିଁ ବିଜୟର ଜରିଆ ହୋଇଥାଏ । ଯଦି ଏହି କଥାରେ ଆମେ କେବଳ ଭୟ କରି ପଛରେ ରହିବା ଓ ନିଜର ଆତ୍ମଉନ୍ନତି ଉପରେ ଧ୍ୟାନ ନ ଦେବା, ତା'ହେଲେ ପୁଣି ଉନ୍ନତି ହୋଇପାରିବ ନାହିଁ । ହଁ ଯେତେବେଳେ ଉନ୍ନତି ମିଳିଯିବ ଓ ଦୁଃଖ ବିପତି ଟଳିଯିବ, ସେତେବେଳେ ମଧ୍ୟ ଆମର ସମ୍ପର୍କ ଅଲ୍ଲାଃତାଲାଙ୍କ ସହିତ ସ୍ୱଷ୍ଟ ରହିବା ଉଚିତ । କିନ୍ତୁ ଏହି ଦିନଗୁଡ଼ିକରେ ବିଶେଷ ଭାବରେ ଅଲ୍ଲାଃଙ୍କ ପ୍ରତି ଅଧିକ ଧ୍ୟାନ ରହିବା ଉଚିତ ଏବଂ ଆମକୁ ନିଜର ଆଧ୍ୟାତ୍ମିକ ଅଭିବୃଦ୍ଧି ଓ ଆଧ୍ୟାତ୍ମିକ ଉନ୍ନତି ଆଡ଼କୁ ମନ ବଳାଇବା ଉଚିତ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୦୧ ଅକ୍ଟୋବର ୨୦୨୧ ଅନୁଯାୟୀ ୦୧ ଇଖା ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଗୋଟିଏ ଅବସରରେ ଗୋଟିଏ ଭାଷଣରେ ତବ୍‌ଲିଗ୍ ସମ୍ବନ୍ଧରେ ଯେତେବେଳେ କହୁଥିଲେ ସେତେବେଳେ ହଜରତ ଉମର ର:ଅଙ୍କ ସମୟରେ ଘଟିଥିବା ଘଟଣାବଳୀର ଚର୍ଚ୍ଚା କରି ଏକଥା କହିଥିଲେ ଯେ; "ରସୁଲେ କରିମ୍ ସ:ଆ:ସଙ୍କ ଦେହାନ୍ତ ପରେ ଯେଉଁ ଯୁଦ୍ଧଗୁଡ଼ିକ ହୋଇଥିଲା ସେଥିରେ ଅଧିକାଂଶ ସମୟ ମୁସଲମାନମାନଙ୍କର ସୈନ୍ୟ ବହୁତ କମ୍ ଥିଲେ ।

ସିରିଆ ଯୁଦ୍ଧରେ ମୁସଲମାନ ସିପାହୀମାନଙ୍କର ସଂଖ୍ୟା ବହୁତ କମ୍ ଥିଲା । ସୁତରାଂ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ହଜରତ ଅବୁ ଉବୈଦାଃ ର:ଅ ସିରିୟା ସହିତ ଯୁଦ୍ଧରେ ମୁସଲମାନ ସିପାହୀମାନଙ୍କ ସଂଖ୍ୟାଲଘୁତା ଓ ଶତ୍ରୁମାନଙ୍କ ସଂଖ୍ୟାଧିକତା ଦେଖି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ସୈନ୍ୟ ସହାୟତା ନିମନ୍ତେ ପତ୍ର ଲେଖିଥିଲେ ଏବଂ ତାଙ୍କଠାରୁ ସୈନ୍ୟ ସହାୟତା ଲୋଡ଼ିଥିଲେ । ହଜରତ ଉମର୍ ର:ଅ ସମୀକ୍ଷା କରି ଦେଖିଲେ ଯେ ଏବେ ନୂଆ ସୈନିକଙ୍କ ଭର୍ତି ହୋଇପାରିବ ନାହିଁ କାରଣ ଆରବର ଆଖପାଖର ଯୁବକମାନେ ଯୁଦ୍ଧରେ ମରିଗଲେଣି ଓ ବାକି ସମସ୍ତେ ସେନାରେ ସାମିଲ ହୋଇଯାଇଛନ୍ତି । ତେଣୁ ହଜ୍‌ରତ୍ ଉମର୍ ର:ଅ ବିଭିନ୍ନ ଗୋଷ୍ଠୀ ସହିତ ପରାମର୍ଶ କରିବା ପରେ ଗୋଟିଏ କବିଲାର ଯୁବଗୋଷ୍ଠୀଙ୍କୁ ଏକତ୍ରିତ କରି ହଜରତ ଅବୁ ଉବୈଦାଃ ର:ଅଙ୍କୁ ପତ୍ର ଲେଖି କହିଲେ ଯେ ଏପରି ଏକ କବିଲା ଅଛି ଯେଉଁଠାରେ କିଛି ଲୋକ ମିଳିପାରିବେ । ହଜ୍‌ରତ୍ ଉମର୍ ର:ଅ ଜଣେ ଅଫିସରକୁ ଆଦେଶ ଦେଲେ ଯେ ସଙ୍ଗେ ସଙ୍ଗେ ଯାଇ ଉକ୍ତ କବିଲାରୁ ଯୁବକମାନଙ୍କୁ ଏକତ୍ରିତ କର ଏବଂ ଆପଣ ହଜରତ ଅବୁ ଉବୈଦାଃ ର:ଅଙ୍କୁ ପତ୍ର ଲେଖିଲେ ଯେ ୬୦୦୦ ସିପାହୀ ତୁମ ସହାୟତା ନିମନ୍ତେ ପ୍ରେରଣ କରୁଅଛି ଯେ କି କିଛି ଦିନ ମଧ୍ୟରେ ତୁମ ନିକଟରେ ପହଂଚିଯିବେ ସେହି ୬୦୦୦ ମଧ୍ୟରେ ୩୦୦୦ ହଜାର ସିପାହୀ ଅମୁକ ଅମୁକ କବିଲାରୁ ତୁମ ନିକଟରେ ପହଂଚିବେ ଏବଂ ଆଉ ଯେଉଁ ତିନିହଜାର ରହିଲା, ତା' ସହିତ ସମାନ୍ ଅର୍ଥାତ ୩୦୦୦ ସିପାହୀଙ୍କ ବରାବର ଉମରୋ ବିନ୍ ମାଦୀ କରବ୍‌ଙ୍କୁ ତୁମ ସାହାଯ୍ୟ ନିମନ୍ତେ ପ୍ରେରଣ କରୁଅଛି । ହଜରତ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି; ଯଦି ଆମର ଜଣେ ଯୁବକକୁ ୩୦୦୦ ସିପାହୀଙ୍କ ମୁକାବିଲାରେ ପ୍ରେରଣ କରାଯାଏ ତେବେ ସେ ଉତର ଦେବେ ଯେ ଏ କି ହାସ୍ୟସ୍ପଦ ପ୍ରସଙ୍ଗ, ଜଣେ ବ୍ୟକ୍ତି କିପରି ୩୦୦୦ ସିପାହୀଙ୍କ ସହିତ ମୁକାବିଲା କରିପାରିବ ଏହା କିଭଳି ସମ୍ଭବ? କିନ୍ତୁ ସେହି ସାହାବାମାନେ ନିଜ ବିଶ୍ୱାସରେ ଦୃଢ଼ତା ଓ ଉପସ୍ଥିତ ଖଲିଫାଙ୍କ ଆଦେଶକୁ ଗୁରୁତ୍ୱ ଦେଇ ଆପତି କରିବା ପରିବର୍ତେ ଉମରୋ ବିନ୍ ମାଦୀ କରବ୍‌ଙ୍କ ପକ୍ଷରେ ବେଶ ଉତ୍ସାହ ପୂର୍ଣ୍ଣ ସ୍ଲୋଗାନ ଦେଇଥିଲେ ଏବଂ ତାଙ୍କର ଭବ୍ୟ ସ୍ୱାଗତ କରିଥିଲେ । ଏହା ଶୁଣି ଶତ୍ରୁପକ୍ଷର ଲୋକମାନେ ଭାବିଲେ ଯେ ସମ୍ଭବତଃ ମୁସଲମାନମାନଙ୍କର ଲକ୍ଷେ, ଦୁଇ ଲକ୍ଷର ସୈନ୍ୟ ସହାୟତା ଆସି ବୋଧେ ପହଂଚିଗଲା । ଏହି ଭୟରେ ସେମାନେ ପରାଜୟ ବରଣ କରି ରଣକ୍ଷେତ୍ରରୁ ପଳାୟନ କଲେ । ଯେତେବେଳେ କି ତରବାରୀ ମାଧ୍ୟମରେ ଜଣେ ବ୍ୟକ୍ତି ୩୦୦୦ ଲୋକମାନଙ୍କର କ'ଣ ମୁକାବିଲା କରିବ କିନ୍ତୁ ଆପଣ କୁହନ୍ତି ବଚସାରେ ତ ଜଣେ ବ୍ୟକ୍ତି ସହସ୍ର ଲୋକମାନଙ୍କ ମୁକାବିଲା କରିପାରିଥାଏ ଅର୍ଥାତ ତର୍କ କରିବାରେ ଜଣେ ବ୍ୟକ୍ତି ସହସ୍ର ଲୋକର ମୁକାବିଲା କରିଥାଏ କିନ୍ତୁ ଦେଖନ୍ତୁ ସାହାବାମାନେ ଉପସ୍ଥିତ ଖଲିଫାଙ୍କ ଆଦେଶକୁ ଏଭଳି ଗୁରୁତ୍ୱ ଦେଲେ ଯେ, ହଜ୍‌ରତ୍ ଉମର୍ ର:ଅ ଉମରୋ ବିନ୍ ମାଦୀ କରବ୍‌ଙ୍କୁ ୩୦୦୦ ସିପାହୀଙ୍କ ବରାବର କହି ପ୍ରେରଣ କରିଥିଲେ କିନ୍ତୁ କେହି ଜଣେ ହେଲେ ମଧ୍ୟ ଆପତି କଲେନାହିଁ ଯେ ଏହା କିଭଳି ସମ୍ଭବ ଏବଂ ଜଣେ ବ୍ୟକ୍ତି ୩୦୦୦ ବ୍ୟକ୍ତିର କିଭଳି ମୁକାବିଲା କରିପାରିବ ବରଂ ସେମାନେ ତାହାକୁ ମୁଣ୍ଡ ପାତି ମାନି ନେଇଥିଲେ ଏବଂ ସ୍ୱୀକାର କରିଥିଲେ । ଉମରୋ ବିନ୍ ମାଦୀ କିରବ୍‌ଙ୍କୁ ପାଛୋଟି ନେଇଥିଲେ ।

***(ସ୍ପେନ୍ ଅଓର୍ ସିସିଲି ମେଁ ତବ୍‌ଲିଗେ ଇସ୍‌ଲାମ୍.... ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃ-୩୫୯-୩୬୦)***

ହଜରତ ମୁସଲେହ ମଉଦ ର:ଅ କୁହନ୍ତି; ବର୍ତମାନ ଆମକୁ ନିଜର ବିଶ୍ଲେଷଣ କରିବା ଆବଶ୍ୟକ ଯେ ୟୁରୋପରେ, ସ୍ପେନ୍‌ରେ ତଥା ସିସ୍‌ଲି ଆଦି ଦେଶମାନଙ୍କରେ ଅହେମଦିୟତ୍‌ର ପ୍ରଚାର କିପରି କରିବା ।

ପୁଣି ହଜରତ ଖଲିଫତୁଲ୍ ମସିହ ଅ:ବ:ଅ କହିଲେ; ବର୍ତମାନ ମୁଁ ମିଶର ବିଜୟର ଘଟଣା ଚର୍ଚ୍ଚା କରିବି ଗୋଟିଏ ଯୁଦ୍ଧ ଏହି ଅଭିଯାନରେ ହୋଇଥିଲା ତା ନାମ ହେଉଛି "ଫରମା ଯୁଦ୍ଧ" । ଫରମା ମିସରର ପ୍ରଶିଦ୍ଧ ସହରର ନାମ ଥିଲା । ***(ସୟଦନା ହଜରତ ଉମର୍ ଫାରୁକ୍..... ପୃ-୫୫୬-୫୫୭.... କରାଚି)*** ଫରମା ସମୁଦ୍ର ଓ ପଲୁଯି'ର ପ୍ରବେଶ ପଥ ନିକଟରେ ନୀଳ ନଦୀ ତଟରେ ଏକ ପର୍ବତର ପାଦଦେଶରେ ଗୋଟିଏ ସୁପ୍ରଶିଦ୍ଧ ସହର ରହିଥିଲା ।

ଅଲାମା ଶିବଲି ନୁମାନିଙ୍କ କହିବାନୁଯାୟୀ ବୈତୁଲ୍ ମୁକଦ୍ଦସ୍ ବିଜୟ ପରେ ହଜରତ ଉମରୋ ବିନ୍ ଆସ୍ ର:ଅ ଜିଦ୍ କରିଲେ ଏବଂ ତାଙ୍କର ଏହି ଅଳି ଯୋଗୁଁ ହଜ୍‌ରତ୍ ଉମର୍ ର:ଅ ହଜରତ ଉମରୋ ବିନ୍ ଆସଙ୍କ ନେତୃତ୍ୱରେ ୪୦୦୦ର ଏକ ସୈନ୍ୟଦଳ ମିଶର ଅଭିମୁଖେ ପ୍ରେରଣ କଲେ କିନ୍ତୁ ଏଥିସହିତ ଏହା ମଧ୍ୟ ଆଦେଶ ଦେଲେ ଯେ, ମିଶର ପହଂଚିବା ପୂର୍ବରୁ ଯଦି ମୋର ପତ୍ର ତୁମର ହସ୍ତଗତ ହୁଏ ତେବେ ନିଜ ସେନାକୁ ଧରି

ସେଠାରୁ ଫେରି ଆସିବ ଆଗକୁ ଅଗ୍ରସର ହେବନାହିଁ । ଅରିଶ୍‌ରେ ପହଂଚିଥିଲେ ହଜରତ ଉମ୍‌ରୋ ବିନ୍ ଆସଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ପତ୍ର ମିଳିଲା ଯେଉଁଥିରେ ତାଙ୍କୁ ଆଗକୁ ବଢ଼ିବାକୁ ବାରଣ କରାଯାଇଥିଲା । ଯେପରି ମୁଁ କହିଲି କିନ୍ତୁ ଯେହେତୁ ତାହା ସର୍ତ ଆଧାରିତ ବା ସମ୍ବଳିତ ଆଦେଶ ଥିଲା ତେଣୁ ହଜରତ ଉମ୍‌ରୋ ବିନ୍ ଆସ କହିଲେ, ବର୍ତମାନ ତ ଆମେ ମିଶର ଦେଶରେ ଅର୍ଥାତ ମିଶରର ସୀମାରେ ପ୍ରବେଶ କରିସାରିଲେଣି ତେଣୁ ଆଗକୁ ବଢ଼ି ଫରମାଠାରେ ପହଂଚିଗଲେ । ***(ଅଲ୍‌ଫାରୁକ...... ପୃ-୧୬୦.....କରାଚି ୧୯୯୧)***

ଇସ୍‌ଲାମୀୟ ଯୁଦ୍ଧ ଉପରେ ଆଧାରିତ ଏକ ପୁସ୍ତକ ଅଲ୍‌ଇକ୍‌ତିଫା ରହିଛି, ସେଥିରେ ଉଲ୍ଲେଖ ରହିଛି ଯେ, ଉମ୍‌ରୋ ବିନ୍ ଆସ ରଫା ନାମକ ସ୍ଥାନରେ ପହଂଚିଥିଲେ ଯେ ତାଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ପତ୍ର ହସ୍ତଗତ ହେଲା କିନ୍ତୁ ଆପଣ ଏହି ଭୟରେ ଯେ ସମ୍ଭବତଃ ପତ୍ରରେ କାଳେ ସେନାକୁ ପଛକୁ ଫେରାଇ ନେବାକୁ ଆଦେଶ ରହିଥିବ ତେଣୁ ସନ୍ଦେଶବାହକଠାରୁ ପତ୍ର ଗ୍ରହଣ କଲେନାହିଁ ଏବଂ ଆଗକୁ ଅଗ୍ରସର ହେଲେ ଏପରି କି ରଫା ଓ ଅରିଶ୍ ମଧ୍ୟବର୍ତୀ ଏକ ଛୋଟ ବସ୍ତିରେ ପହଂଚିଗଲେ । ଯେତେବେଳେ ଉକ୍ତ ବସ୍ତି ପ୍ରସଙ୍ଗରେ ପଚାରାଗଲା ସେତେବେଳେ ଜଣାଗଲା ଯେ, ତାହା ମିଶର ସୀମାରେ ଅନ୍ତର୍ଭୁକ୍ତ । ସେଠାରେ ଆପଣ ପତ୍ର ମଗାଇ ସନ୍ଦେଶବାହକଠାରୁ ତାହା ପାଠ କଲେ । ଯେଉଁଥିରେ ଲେଖା ରହିଥିଲା ଯେ ଆପଣ ସାଥିରେ ଯେଉଁ ମୁସଲମାନମାନେ ଅଛନ୍ତି ସେମାନଙ୍କୁ ନେଇ ଫେରିଆସ । ଅତଏବ ଆପଣ ମୁସଲମାନମାନଙ୍କୁ କହିଲେ କ'ଣ ତୁମକୁ ଜଣାନାହିଁ ଯେ, ଆମେ ମିଶରରେ ପ୍ରବେଶ କରିସାରିଛେ ? ସେମାନେ ଉତର ଦେଲେ ଆଜ୍ଞା ହଁ! ପୁନଶ୍ଚ କହିଲେ ଦେଖ ଅମିରୁଲ୍ ମୁମିନିନ୍‌ଙ୍କର ପତ୍ର ହସ୍ତଗତ ହୋଇଛି ଯେଉଁଥିରେ ନିର୍ଦ୍ଦେଶ ରହିଛି ଯେ ଯଦି ମିଶର ଭୂମିରେ ପାଦ ରଖିନାହଁ ତେବେ ସେନାକୁ ନେଇ ଫେରିଆସ କିନ୍ତୁ ମତେ ଏହି ପତ୍ର ମିଶର ଦେଶରେ ପ୍ରବେଶ କରିବା ପରେ ହସ୍ତଗତ ହୋଇଛି । ସୁତରାଂ ଅଲ୍ଲାଃଙ୍କ ନାମ ନେଇ ଆଗକୁ ବଢ଼ିବା । ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଉମ୍‌ରୋ ବିନ୍ ଆସ ଫିଲିସ୍ତିନ୍‌ରେ ଥିଲେ ସେଠାରେ ସେ ବିନା ଅନୁମତିରେ ନିଜ ସାଥିମାନଙ୍କୁ ନେଇ ଆଗକୁ ବାହାରିଗଲେ ଏ କଥା ହଜ୍‌ରତ୍ ଉମର୍ ର:ଅଙ୍କୁ ପସନ୍ଦ ଲାଗିଲା ନାହିଁ ସୁତରାଂ ହଜରତ ଉମର୍ ର:ଅ ତାଙ୍କ ନିକଟକୁ ପତ୍ର ଲେଖିଲେ । ଯେତେବେଳେ ସେହି ଚିଠିଟି ଅମ୍‌ରୋ ବିନ୍ ଆସ ର:ଅଙ୍କୁ ମିଳିଲା ସେତେବେଳେ ସେ ଅରିଶ୍ ନିକଟରେ ପହଂଚି ସାରିଥିଲେ । ଯେଉଁ ପତ୍ରରେ ଲେଖା ଥିଲା ଯେ ଆପଣଙ୍କ ସାଥିରେ ଯେଉଁ ଇସ୍‌ଲାମିୟ ସେନା ରହିଛନ୍ତି ସେମାନଙ୍କୁ ନେଇ ଫେରି ଚାଲିଆସ କାରଣ ସେଠାରେ ରୋମୀମାନଙ୍କର ଏକ ବୃହତ ସୈନ୍ୟ ମୃତୟନ ରହିଛନ୍ତି । କିନ୍ତୁ ତୁମ ନିକଟରେ ଖୁବ୍ କମ୍ ସୈନିକ ରହିଛନ୍ତି । ଅଲ୍ଲାଃ ତାଲା ତୁମର ମଙ୍ଗଳ କରନ୍ତୁ । ଏହା ତୁମ ପାଇଁ ଭଲ ହୁଅନ୍ତା ଯଦି ତୁମେ ସେହି ସୈନିକମାନଙ୍କୁ ସାଙ୍ଗରେ ନ ନିଅନ୍ତ ଓ ଯଦି ମିଶରରେ ପହଂଚିନାହଁ ତେବେ ସେଠାରୁ ଫେରିଆସ ।

***(ଅଲ୍‌ଇକ୍‌ତିଫା........ ଖଣ୍ଡ-୨, ପୃ-୩୨୪-୩୨୫, ବେରୁତ ୧୪୨୦ ହିଜ୍‌ରୀ)***

ଏହି ଯାତ୍ରାରେ ମୁସଲମାନମାନଙ୍କ ସହିତ କୌଣସି ରୋମୀ ସିପାହୀଙ୍କର ମୁହାଁମୁହିଁ ହୋଇନଥିଲା ବରଂ ସ୍ଥାନେ ସ୍ଥାନେ ମିଶରୀ ଲୋକେ ମୁସଲମାନମାନଙ୍କର ସ୍ୱାଗତ କରିଥିଲେ । ଏହି ପ୍ରସଙ୍ଗରେ ଅନେକ ବର୍ଣ୍ଣନା ମିଳୁଅଛି କିନ୍ତୁ ସଠିକ୍ ଏହା ମନେ ହେଉଛି ଯେ ମିଶରର ସୀମା ମଧ୍ୟରେ ଅରିଶ୍ ସହରରେ ତାଙ୍କୁ ଅର୍ଥାତ ଉମ୍‌ରୋ ବିନ୍ ଆସଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ଚିଠି ପ୍ରାପ୍ତ ହୋଇଥିଲା ନଚେତ ହଜରତ ଅମ୍‌ରୋ ବିନ୍ ଆସ ର:ଅ ଖଲିଫାଙ୍କ କଥାର ଅବମାନନା କରିନଥାନ୍ତେ ଓ ବାହାନା କରି ନଥାନ୍ତେ । ତେଣୁ ମିଶରରେ ପ୍ରବେଶ କରିବା ପରେ ସେ ଆଗକୁ ଅଗ୍ରସର ହେବାର ଯୋଜନା କରିଥିଲେ । କାରଣ ଜଣେ ମୋମିନ୍‌ର ଉଠିଲା ପାଦ ପଛକୁ ହଟିନଥାଏ । ରୋମୀମାନେ ଇସ୍‌ଲାମୀୟ ସୋନକୁ ସାମାନ୍ୟ ଓ ସ୍ୱଳ୍ପ ସଂଖ୍ୟକ ମନେକରି ବୁଝିନେଲେ, ଯେ ଏମାନଙ୍କ ସାହସ କିଛି ଦିନ ମଧ୍ୟରେ ହିଁ ଧରାଶାୟୀ ହୋଇଯିବ । ତେଣୁ ନିଜକୁ ଦୁର୍ଗ ମଧ୍ୟରେ ଅବରୋଧ କରିନେଲେ । ସେପଟେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ରୋମୀମାନଙ୍କ ଅସ୍‌କରି ଶକ୍ତି ଅର୍ଥାତ ଯୁଦ୍ଧ ଓ ସୈନିକମାନଙ୍କ ଶକ୍ତି ବିଷୟରେ ଜ୍ଞାତ ହୋଇସାରିଥିଲା ଯେ, ମୁସଲମାନମାନଙ୍କ ତୁଳନାରେ ସେମାନଙ୍କ ସଂଖ୍ୟା ବହୁଗୁଣିତ ଥିଲା । ଅତଏବ ଆପଣ ସେମାନଙ୍କ ଉପରେ ହଠାତ୍ ଆକ୍ରମଣ କରି ସହରର ମୂଖ୍ୟ ଦ୍ୱାର ଖୋଲିବାର ନିଷ୍ପତି ନେଲେ ଅବା ସେପର୍ଯ୍ୟନ୍ତ ସୁଦ୍ଧା ଧୈର୍ଯ୍ୟର ସହିତ ଘେରାଉ ଜାରି ରଖିବାର ଯୋଜାନ କରିଥିଲେ ଯେଉଁ ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀ ଶେଷ ହୋଇନାହିଁ ଏବଂ ଶେଷରେ ସେମାନେ ଆପଣାଛାଏଁ ଭୋକ ଉପାସରେ ବାହାରକୁ ଚାଲି ଆସିବେ ଏହି ପରାମର୍ଶ କ୍ରମେ ଆପଣ ସହରର ଘେରାଉ କରିଥିଲେ । ଫଳତଃ ଘେରାଉ ଜାରି ରହିଥିଲା କିନ୍ତୁ ଶତ୍ରୁ ମଧ୍ୟ ନିଜ ଜିଦ୍‌ରୁ ଓହରି ନଥିଲା ଅର୍ଥାତ ସହରର ମୂଖ୍ୟ ଦ୍ୱାର ଖୋଲିନଥିଲେ ଏବଂ ନିଜକୁ ଦୁର୍ଗ ମଧ୍ୟରେ ଅବରୋଧ କରି ରଖିଥିଲେ ଏବଂ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ଅନେକ ମାସ ପର୍ଯ୍ୟନ୍ତ ଦୁର୍ଗକୁ ଘେରାଉ ଅର୍ଥାତ ଅବରୋଧ କରି ରଖିଲେ ସେହି ସଂଘର୍ଷରେ ମୁସଲମାନମାନେ ହିଁ ବିଜୟ ଲାଭ କରିଥିଲେ । ଦିନେ ରୋମୀ ସେନାର ଗୋଟିଏ ଦଳ ବସ୍ତିରୁ ବାହାରି ଆସିଲେ ମୁସଲମାନମାନଙ୍କର ମୁକାବିଲା କରିଥିଲା କିନ୍ତୁ ସେମାନଙ୍କୁ ବିଫଳ ହିଁ ହାତ ଲାଗିଥିଲା । ମୁସଲମାନମାନେ ସଫଳ ହୋଇଥିଲେ ରୋମୀମାନେ ପତିତ ହୋଇ ବସ୍ତି ଆଡ଼କୁ ପଳାୟନ କରିଥିଲେ । ମୁସଲମାନମାନେ ସେମାନଙ୍କ ପଛ ଧରିଲେ ଏବଂ ମୂଖ୍ୟ ଦ୍ୱାରରେ ପହଂଚି କିଲ୍ଲାର ମୁଖ୍ୟ ଦ୍ୱାର ଖୋଲି ଦେଇଥିଲେ । ଯେତେବେଳେ ରୋମୀମାନଙ୍କର ଖାଦ୍ୟ ସାମଗ୍ରୀ ଶେଷ ହୋଇଗଲା ସେମାନେ ନିଜକୁ ଦୁର୍ଗ ମଧ୍ୟରେ ଆଉ ଅବରୋଧ କରିପାରିଲେ ନାହିଁ ଏବଂ ମୁସଲମାନମାନଙ୍କ ମୁକାବିଲା କରିବାପାଇଁ ପଦାକୁ ବାହାରି ଆସିଲେ କିନ୍ତୁ ପରମେଶ୍ୱର ମୁସଲମାନମାନଙ୍କୁ ହିଁ ବିଜୟ ମଣ୍ଡିତ କରିଥିଲେ ଓ ସମସ୍ତ ପଥ ପରିଷ୍କାର କରିଦେଇଥିଲେ ।

***(ସୟଦନା ହଜରତ ଉମର୍ ବିନ୍ ଖତାବ୍..... ପୃ-୭୫୫-୭୫୬.... ପାକିସ୍ତାନ)***

ବିଲ୍‌ବିସ୍ ବିଜୟ ଫରମା ବିଜୟ ପରେ ହଜରତ ଅମ୍‌ରୋ ବିନ୍ ଆସ ର:ଅ ବିଲ୍‌ବିସ୍ ଆଡ଼କୁ ଅଗ୍ରସର ହେଲେ କିନ୍ତୁ ରୋମିସେନା ତାଙ୍କର ରାସ୍ତା ଅବରୋଧ କଲା । ବିଲ୍‌ବିସ୍ କୁସ୍‌ତାତ୍‌ଠାରୁ ପ୍ରାୟ ତିରିଶି ମାଇଲ୍ ଦୂରତା ସିରିଆ ଦେଶର ମାର୍ଗରେ ଅବସ୍ଥିତ ଥିବା ଏକ ସହରର ନାମ । ରୋମୀ ସେନା ଏଥିଯୋଗୁଁ ରାସ୍ତା ଅବରୋଧ କରିଥିଲେ ଯେ ମୁସଲମାନମାନେ ବାବିଲୋନ୍‌ର କିଲ୍ଲାରେ ନ ପହଂଚିଯାଆନ୍ତୁ । ବାବିଲୋନ୍ ଶବ୍ଦଟି ପୁରାତନ ଭାଷାକୋଷରେ ଦୟାତ ମିଶର୍ ଅର୍ଥାତ ମିଶରର ଘର ଭାବରେ ବ୍ୟବହାର ହୋଇଥାଏ ବିଶେଷ କରି ଯେଉଁ ସ୍ଥଳେ ଫୁସତାତ୍ ସହର ଗଢ଼ି ଉଠିଥିଲା ତାହା ସେହି ସ୍ଥାନଟି ପୂର୍ବରୁ ବାବିଲୋନ୍ ବୋଲାଉ ଥିଲା । ରୋମୀ ସେନା ସେହି ସ୍ଥଳେ ଲଢ଼ିବାକୁ ଚାହୁଁଥିଲା କିନ୍ତୁ ହଜରତ ଅମ୍‌ରୋ ବିନ୍ ଆସ ର:ଅ ସେମାନଙ୍କୁ କହିଲେ ଯେ ତୁମେ ଯୁଦ୍ଧ ଲଢ଼ିବା ପାଇଁ ସେପର୍ଯ୍ୟନ୍ତ ଶିଘ୍ରତା ଅବଲମ୍ବନ କରନାହିଁ ଯେପର୍ଯ୍ୟନ୍ତ ଆମେ ଆମର କଥା ଓ ଉଦ୍ଦେଶ୍ୟକୁ ତୁମ ନିକଟରେ ନ ରଖିଛୁ । ଏତଦ୍‌ଦ୍ୱାରା ବାହାନା କରିବାକୁ ଆଉ ତୁମ ନିକଟରେ କୌଣସି ଅବକାଶ ରହିବ ନାହିଁ । ସେଥିଅନ୍ତେ କହିଲେ ଯେ ତୁମେ ଆମ ନିକଟକୁ ଅବୁ ମରିୟମ୍ ଏବଂ ଅବୁ ମରିୟାମ୍‌କୁ ରାଜଦୂତ ଭାବରେ ପ୍ରେରଣ କରିଦିଅ ଅତଏବ ସେମାନେ ସଂଘର୍ଷ କରିବାରୁ ନିବୃତ ରହିଗଲେ । ଉକ୍ତ ଦୁଇଜଣ ଦୂତ ବିଲ୍‌ବିସ୍‌ବାସୀଙ୍କ ମାର୍ଗଦର୍ଶକ ଥିଲେ ସେଠାରେ ଆପଣ ସେମାନଙ୍କ ସହିତ ଯୁଦ୍ଧ କରିବା ପରିବର୍ତେ ଦୁଇଟି ବିକଳ୍ପ ସେମାନଙ୍କ ସମ୍ମୁଖରେ ରଖିଥିଲେ, ପ୍ରଥମ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଅ ଅବା ଖଜଣା ଦେଇ ନିଜକୁ ସୁରକ୍ଷିତ କରିନିଅ । ଅଧିକନ୍ତୁ ହଜ୍‌ରତ୍ ଅମ୍‌ରୋ ବିନ୍ ଆସ ର:ଅ ହଜୁର ସ:ଆ:ସଙ୍କର ମିଶର ବାସୀଙ୍କ ସହିତ ଯେଉଁ ନମ୍ର ଆଚରଣ କରିବାର ଉପଦେଶ ରହିଛି ତାହାର ଆଲୋଚନା କରିଥିଲେ । ଅତଏବ ନିଷ୍ପତି କରିବା ପାଇଁ ଆପଣ ଶତ୍ରୁକୁ ଚାରିଦିନ ସମୟ ପ୍ରଦାନ କରିଥିଲେ ସୁତରାଂ ସେହି ଦୁଇଜଣ ରାଜଦୂତ ସେଠାରୁ ଫେରି କିବ୍‌ତିର ସର୍‌ଦାର୍ ମକୁକଶ୍ ଏବଂ ରୋମ୍ ସମ୍ରାଟଙ୍କ ତରଫରୁ ନିୟୋଜିତ ହୋଇଥିବା ମିସରର ହାକିମ୍ ଅରତବୁନ୍ ନିକଟରେ ପହଂଚି ମୁସଲମାନମାନଙ୍କ କଥାକୁ ପେଶ୍ କଲେ । କିନ୍ତୁ ତାହା ସତ୍ୱେ ମଧ୍ୟ ମିଶରର ହାକିମ୍ ଅର୍‌ତବୁନ୍ ୧୨୦୦୦ ସୈନିକଙ୍କୁ ସାଥିରେ ନେଇ ରାତ୍ର ସମୟରେ ମୁସଲମାନମାନଙ୍କ ଉପରେ ଚଢ଼ାଉ କରି ଆକ୍ରମଣ କରିଦେଇଥିଲେ ଯଦ୍ୱାରା ଏକ ବୃହତ ସଂଖ୍ୟକ ମୁସଲମାନ ସେନା ଶହୀଦ ହୋଇଥିଲେ । ଅନେକ ସଂଖ୍ୟାରେ ମୁସଲମାନ ସୈନିକମାନେ ଶହୀଦ ହୋଇଗଲେ କିନ୍ତୁ ମୁସଲମାନମାନେ ପ୍ରତିଘାତ କରି ସେମାନଙ୍କର ୧୦୦୦ ସୈନିକଙ୍କୁ ନୀହତ କରିଦେଇଥିଲେ ଏବଂ ୩୦୦୦ ସୈନିକଙ୍କୁ କଏଦ କରିବା ଫଳରେ ଶତ୍ରୁ ସେଠାରୁ ପଳାୟନ କରିଯାଇଥିଲା । ବିଲ୍‌ବିସ୍‌ରେ ଗୋଟିଏ ମାସ ପର୍ଯ୍ୟନ୍ତ ଘମାଘୋଟ ଯୁଦ୍ଧ ଜାରି ରହିବା ପରେ ଶେଷରେ ମୁସଲମାନମାନଙ୍କୁ ବିଜୟ ଲାଭ ହୋଇଥିଲା । କିନ୍ତୁ ଏହି ପ୍ରସଙ୍ଗରେ ସେମାନଙ୍କ ମଧ୍ୟରେ ଭିନ୍ନ ମତ ରହିଛି ଯେ, ଉକ୍ତ ଯୁଦ୍ଧଟି ଭୀଷଣ ଥିଲା ଅବା ସାମାନ୍ୟ ଧରଣର । ***(ସୟଦନା ହଜରତ ଉମର୍ ବିନ୍ ଖତାବ୍..... ପୃ-୭୫୭-୭୫୮.... ପାକିସ୍ତାନ) (ସୟଦନା ହଜରତ ଉମର୍ ଫାରୁକ୍ ,ପୃ-୫୬୪-୫୬୫...... ଲାହୋର୍) (ଅଲ୍‌ଇକ୍‌ତଫା.... ଖଣ୍ଡ-୨, ପୃ-୩୪୬.... ବେରୁତ ୧୪୨୦ ହିଜ୍‌ରୀ) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୧, ପୃ-୫୬୭... ବେରୁତ) (ଅଟ୍‌ଲସ୍ ଫୁତୁହାତେ.... ଖଣ୍ଡ-୨, ପୃ-୨୨୫.....୧୪୨୮ ହିଜ୍‌ରୀ)***

ସେହି ସଂଘର୍ଷ ମଧ୍ୟରେ ଗୋଟିଏ ଏଭଳି ଘଟଣା ଘଟିଲା ଯେଉଁଥିରେ ମୁସଲମାନମାନଙ୍କ ବୁଦ୍ଧିମତା ଓ ବିଚକ୍ଷଣତାର ପରିଚୟ ଦେଇଥାଏ । ଯେତେବେଳେ ବିଲ୍‌ବିସ୍‌ରେ ମୁସଲମାନମାନଙ୍କୁ ବିଜୟ ଲାଭ ହେଲା ସେତେବେଳେ କବ୍‌ତିମାନଙ୍କ ସରଦାର ମକକୋସ୍‌ର ଅତି ଅଲିଅଳି ଓ ଗେହ୍ଲି କନ୍ୟା ଅର୍‌ମାନୁସା ବନ୍ଦି ହୋଇଗଲେ ଓ ମୁସଲମାନମାନଙ୍କ ହାତକୁ ଚାଲି ଆସିଥିଲେ । ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ସମସ୍ତ ସାହାବାଙ୍କୁ ଏକତ୍ରିତ କରି ଅଲ୍ଲାଃଙ୍କର ବାଣୀ **ହଲ୍ ଜଜାଉଲ୍ ଇହ୍‌ସାନି ଇଲ୍ଲଲ୍ ଇହ୍‌ସାନ୍ (ରହ୍‌ମାନ୍:୬୧)** ଅର୍ଥାତ ଦୟାର ପ୍ରତିଫଳ ଦୟା ଆଚରଣ କରିବା ବ୍ୟତିତ ଅନ୍ୟ କଣ ହୋଇପାରେ, ଏହି ଆୟତ ଅନ୍ତର୍ଗତ ହଜୁର ସ:ଆ:ସଙ୍କ ତରଫରୁ ମକୋକସ୍ ନିକଟକୁ ଉପହାର ସ୍ୱରୁପ ତାହାର ପ୍ରୀୟ କନ୍ୟା ସହିତ ତାହାର ସମସ୍ତ ଅଳଙ୍କାର, ଆଭୁଷଣ ତଥା ସମସ୍ତ ଦାସଦାସୀମାନଙ୍କୁ ଅତି ମର୍ଯ୍ୟାଦାର ସହକାରେ ଫେରାଇ ଦେଇଥିଲେ । ସମସ୍ତ ସାହାବାମାନେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ଏହି ନିଷ୍ପତିକୁ ସ୍ୱାଗତ ଜଣାଇଥିଲେ । ଏହି ଘଟଣା ମୁସଲମାନମାନଙ୍କ ବୁଦ୍ଧିମତା ଓ ଉତମ ଚରିତ୍ରର ଜ୍ୱଳନ୍ତ ପ୍ରମାଣ ଅଟେ । ପ୍ରତ୍ୟାବର୍ତନ କରିବା ସମୟରେ ଅରମାନୁସାଙ୍କ ଦାସୀ ତାଙ୍କୁ କହିଲା ଯେ ଆମେ ପ୍ରତ୍ୟେକ ଦିଗରୁ ଆରବୀମାନଙ୍କ କବଳରେ ଘେରି ରହିଛେ, ପ୍ରତ୍ୟୁତରରେ ଅର୍‌ମାନୁସା କହିଲା ଯେ ମୁଁ ଏହି ଆରବୀମାନଙ୍କ ଶିବିରରେ ନିଜ ପ୍ରାଣ ଓ ସମ୍ମାନକୁ ସୁରକ୍ଷିତ ମଣୁଛି । ଅପରପକ୍ଷେ ନିଜ ପିତାର ଦୁର୍ଗରେ ନିଜ ଜୀବନକୁ ସୁରକ୍ଷିତ ମଣୁନାହିଁ । ଆଉ ଯେତେବେଳେ ସେ ନିଜ ପିତାଙ୍କ ନିକଟରେ ପହଂଚିଲା ସେତେବେଳେ ତାଙ୍କ ବାପା ମୁସଲମାନମାନଙ୍କ ଆଚରଣ ଓ ଏପରି ବ୍ୟବହାର ଦେଖି ଅତ୍ୟନ୍ତ ଖୁସି ହୋଇଗଲା ।

***(ସୟଦନା ଉମର୍ ବିନ୍ ଖତାବ୍, ପୃ-୭୫୮-୭୫୯..... ପାକିସ୍ତାନ)***

ତାହାର ପିତା କୁସ୍‌ତନତିନ୍ ବିନ୍ ହର୍‌କଲ୍ ସହିତ ଅର୍‌ମାନୁସାର ବିବାହ କରିବାକୁ ଚାହୁଁଥିଲ । କିନ୍ତ ଅର୍‌ମାନୁସା ସେହି ବିବାହରେ ପ୍ରସନ୍ନିତ ନଥିଲା । ବିବାହରେ ରାଜି ନଥିଲା

ତେଣୁ ସେ ନିଜ ଦାସୀ ସହିତ ଭ୍ରମଣ କରିବା ଉଦ୍ଦେଶ୍ୟରେ ବଲ୍‌ବିସ୍ ଚାଲି ଯାଇଥିଲା ଯେଉଁସ୍ଥଳେ କି ମୁସଲମାନମାନେ ତାହାକୁ ବନ୍ଦି କରିନେଇଥିଲେ ଏବଂ ଏହି ଘଟଣା ଘଟିଥିଲା ଯାହାକି ମୁଁ ଚର୍ଚ୍ଚା କରି ଆସିଲି ।

ପୁଣି ଉମ୍ ଦୁନୈନ୍ ହେଉଛି ଗୋଟିଏ ସ୍ଥାନ । ତାହାକୁ ମଧ୍ୟ ମୁସଲମାନମାନେ ବିଜୟ କରିଥିଲେ । ବିଲ୍‌ବିସ୍ ବିଜୟ ପରେ ଅମ୍‌ରୋ ବିନ୍ ଆସ ମରୁଭୂମୀର ସୀମାନ୍ତରେ ଯାଇ ଉମ୍ ଦୁନୈନ୍ ବସ୍ତିରେ ପହଂଚିଲେ । ତାହା ନୀଳ ନଦୀ ତଟରେ ଥିବା ଖଲିଜ୍ ତରାଜାନ୍‌ର ଉତ୍ସ ନିକଟରେ ଅବସ୍ଥିତ ଥିଲା । ସେହି ଖଲିଜ ଅର୍ଥାତ ଖାଡ଼ିଟି ସୁଏଜ ନିକଟସ୍ଥ ମିସରର ସହରକୁ ଭୂମଧ୍ୟ ସାଗରୀୟ ରୋମ ସହିତ ସଂଯୋଗ କରୁଥିଲା ଯେଉଁଠି ଆଜିକାଲି କାହିରାର ଅଜ୍‌ବିକିୟା ଇଲାକା ରହିଛି । ସେହି ଯୁଗରେ ଉମ୍ମେ ଦୁନିନ୍’ର ବସ୍ତି ସେଠାରେ ଥିଲା ଯାହାକୁ ରୋମୀମାନେ ନିଜ ଅଧିନରେ ରଖିଥିଲେ । ଏହି ଦୃଷ୍ଟିକୋଣରୁ ଉମ୍ମେ ଦନିନ୍’ଙ୍କୁ ମିଶରବାସୀଙ୍କ ପ୍ରଥମ ପ୍ରତିରକ୍ଷାକାରୀ ଛାଉଣୀ କୁହାଯାଇପାରେ । ନୀଳ ନଦୀ ତଟରେ ଅନେକ ନୌକା ରହିଥିଲା ଉକ୍ତ ବସ୍ତି ବାବିଲୋନ୍‌ର ଉତର ଦିଗରେ ରହିଥିଲା । ଯାହାକି ମିଶରର ସର୍ବବୃହତ ଦୁର୍ଗ ଥିଲା । ମୁସଲମାନ ସେନା ଉମ୍ମେ ଦନିନ୍ ନିକଟରେ ଯାଇ ନିଜର ଶିବିର ଲଗାଇଥିଲେ । ସେତେବେଳକୁ ରୋମୀମାନେ ବାବିଲୋନ୍ ଦୁର୍ଗରେ ନିଜର ସୁଦକ୍ଷ ସୈନିକମାନଙ୍କୁ ପହଂଚାଇ ଦେଇଥିଲେ ଏବଂ ଉମ୍ମେ ଦନିନ୍’ର ଦୁର୍ଗକୁ ବେଶ୍ ମଜ୍‌ଭୁତ୍ କରି ଯୁଦ୍ଧ ପାଇଁ ପ୍ରସ୍ତୁତ କରିଦେଇଥିଲେ । ଗୁପ୍ତଚରଙ୍କ ସୁଚନା ଦ୍ୱାରା ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କୁ ଅନୁମାନ ହୋଇଗଲା ଯେ, ତାଙ୍କ ସେନା ବାବିଲୋନ୍‌ର ଦୁର୍ଗ ଜୟ କରିବାପାଇଁ ଯଥେଷ୍ଟ ନୁହନ୍ତି କାରଣ ପ୍ରର୍ଯ୍ୟାପ୍ତ ଯୁଦ୍ଧ ସରଞ୍ଜାମ ତାଙ୍କ ନିକଟରେ ନାହିଁ, ସୁତରାଂ ସେ ଜଣେ ଦୂତଙ୍କୁ ସନ୍ଦେଶ ଦେଇ ମଦିନା ପ୍ରେରଣ କଲେ । ଯେଉଁଥିରେ ସେ ସମସ୍ତ ପ୍ରସଙ୍ଗ ବିସ୍ତାର ରୂପେ ବର୍ଣ୍ଣନା କରି ସୈନ୍ୟ ସହାୟତା ଲୋଡ଼ିଥିଲେ । ଏପଟେ ସେ ଘୋଷଣା କରିଦେଇଥିଲେ ଯେ, ସୈନ୍ୟ ସହାୟତା ଖୁବ୍ ଶିଘ୍ର ଆସି ପହଂଚିଯିବ ତେଣୁ ବ୍ୟତିବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । ତା’ପରେ ସେ ଉମ୍ ଦୁନିନ୍ ଆଡ଼କୁ ବଢ଼ି ତାକୁ ଘେରାଉ କରିନେଲେ ଓ କିଲ୍ଲା ଭିତରକୁ ଖାଦ୍ୟପଦାର୍ଥ ଓ ଅସ୍ତ୍ରଶସ୍ତ୍ର ପହଂଚିବାର ମାର୍ଗକୁ ବନ୍ଦ କରିଦେଲେ । ସେପଟେ ଦୁର୍ଗ ଭିତରେ ରୋମୀ ମୃତୟନ ଥିଲେ ସେମାନେ ବାହାରକୁ ବାହାରି ଯୁଦ୍ଧ କରିବାକୁ ଚେଷ୍ଟା କଲେନାହିଁ କାରଣ ବଲ୍‌ବିସ୍‌ରେ ସେମାନେ ଅରତ୍‌ବୁନ୍‌ର ପରିଣାମ ଦେଖିସାରିଥିଲେ । ସେମାନେ ଅବଗତ ଥିଲେ ଯେ, ଖୋଲା ପଡ଼ିଆରେ ଆରବୀମାନଙ୍କର ମୁକାବିଲା କରିବା ତାଙ୍କ ସାମର୍ଥ୍ୟ ବାହାରେ ଉମ୍ମେ ଦନିନ୍’ର ସେନା ମଝିରେ ମଝିରେ ଦୁର୍ଗରୁ ବାହାରି ଆସି ମୁସଲମାନମାନଙ୍କର ମୁକାବିଲା କରୁଥିଲା ଏବଂ ବିଫଳ ହୋଇ ଦୁର୍ଗ ଭିତରକୁ ପ୍ରବେଶ କରିଯାଉଥିଲା ଏମିତି ଅନେକ ସପ୍ତାହ ବିତିଗଲା । ଇତି ଅବସରରେ ଖବର ମିଳିଲା ଯେ ଖିଲାଫତ୍‌ର ଦରବାରରୁ ସୈନ୍ୟମାନଙ୍କ ପାଇଁ ସାହାଯ୍ୟ ପଠାଦିଆଯାଇଅଛି । ଆଜିକାଲି ମଧ୍ୟରେ ସାହାଯ୍ୟ ଏଠାରେ ପହଂଚିଯିବ । ଏ ଖବର ଶୁଣି ମୁସଲମାନ ସୈନିକମାନଙ୍କ ମନବଳ ବଢ଼ିଗଲା ।

***(ହଜରତ ଉମର୍ ଫାରୁକ ..... ପୃ-୫୬୭-୫୭୦.... ଲାହୋର)***

କିଛି ସପ୍ତାହ ଏହିପରି ଅତିବାହିତ ହେବା ପରେ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମୀ ସେନାର ସାହାଯ୍ୟ କରିବାପାଇଁ ୪୦୦୦ ସୈନିକଙ୍କୁ ପ୍ରେରଣ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ପ୍ରତି ହଜାର ବ୍ୟକ୍ତି ଉପରେ ଜଣକୁ ଅମିର ମୃତୟନ କରିଥିଲେ । ସେହି ଅମିରମାନଙ୍କ ନାମ ଯଥାକ୍ରମେ, ହଜରତ ଜୁବୈର୍ ବିନ୍ ଅୱାମ, ହଜରତ ମିକ୍‌ଦାଦ୍ ବିନ୍ ଅସୱଦ୍, ହଜରତ ଉବାଦା ବିନ୍ ସାମିତ୍ ଓ ହଜରତ ମୁସ୍‌ଲେମା ବିନ୍ ମୁଖଲଦ୍ ଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ମୁସ୍‌ଲେମା ବିନ୍ ମୁଖଲଦ୍‌ଙ୍କ ପରିବର୍ତେ ହଜରତ ଖାରଜା ବିନ୍ ହୁଜୈଫା ଅମିର ଥିଲେ । ଏଥିସହିତ ହଜ୍‌ରତ୍ ଉମର୍ ର:ଅ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କୁ ଚିଠି ଲେଖି ପ୍ରେରଣ କରିଥିଲେ, ଯେ ବର୍ତମାନ ତୁମ ସହିତ ୧୨୦୦୦ ଉତ୍ସର୍ଗୀ ରହିଛନ୍ତି । ଏହି ସ୍ୱଳ୍ପ ସଂଖ୍ୟକ ସେନା ମଧ୍ୟ କଦାପି ପରାସ୍ତ ହେବେନାହିଁ । ରୋମୀ ଯୋଦ୍ଧା କବ୍‌ତିମାନଙ୍କୁ ସାଥିରେ ନେଇ ମୁସଲମାନମାନଙ୍କ ମୁକାବିଲା ନିମନ୍ତେ ବାହାରିଥିଲେ । ଉଭୟ ସେନା ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା । ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ଯୁଦ୍ଧ ରଣନୀତି ଦ୍ୱାରା ନିଜ ସେନାକୁ ତିନିଭାଗରେ ବିଭକ୍ତ କରିଦେଇଥିଲେ । ଗୋଟିଏ ଦଳକୁ ଜବଲେ ଅହ୍‌ମର୍ ନିକଟରେ ଥିବା ଗୋଟିଏ ସ୍ଥାନରେ ଛାଡ଼ିଥିଲେ, ଦ୍ୱିତୀୟ ଦଳକୁ ଉମ୍ମେ ଦନିନ୍’ଠାରେ ଅର୍ଥାତ ନୀଳ ନଦୀ ତଟରେ ରଖିଲେ ଏବଂ ତୃତୀୟ ଦଳକୁ ଶତ୍ରୁ ସହିତ ସିଧାସଳଖ ମୁକାବିଲା କରିବାପାଇଁ ମୃତୟନ କରିଥିଲେ । ଯେତେବେଳେ ଉଭୟ ସେନା ରଣକ୍ଷେତ୍ରରେ ମୁହାଁମୁହିଁ ହେଲେ ସେତେବେଳେ ଜବଲ୍‌ଅହ୍‌ମର୍‌ଠାରେ ଲୁଚି ଥିବା ସେନା ବାହାରକୁ ଆସି ପଛପଟୁ ଆକ୍ରମଣ କରିଦେଇଥିଲା ଯଦ୍ୱାରା ଶତ୍ରୁ ବିଭାଜିତ ଓ ବିଶୃଙ୍ଖଳିତ ହୋଇଯାଇଥିଲା ଏବଂ ସେମାନେ ଉମ୍ମେ ଦନିନ୍ ଆଡ଼କୁ ପଳାୟନ କରିଥିଲେ ସେଠାରେ ମୃତୟନ ରହିଥିବା ଇସ୍‌ଲାମୀୟ ସେନାର ଦ୍ୱିତୀୟ ଦଳଟି ପ୍ରସ୍ତୁତ ହୋଇ ରହିଥିଲା । ସେମାନେ ତାଙ୍କର ପଥ ଅର୍ଥାତ ରୋମୀମାନଙ୍କ ଅବରୋଧ କରିଦେଲେ ଏପରି ରୋମୀ ସେନା ମୁସଲମାନମାନଙ୍କର ତିନିଦଳ ମଧ୍ୟରେ ଫସି ରହିଯାଇଥିଲା ଏବଂ ଖସି ପଳାଇବାର କୌଣସି ମାର୍ଗ ପାଇନଥିଲା । ପରିଶେଷରେ ଶତ୍ରୁ ପରାଜିତ ହେଲା ଏବଂ ମୁସଲମାନମାନେ ବିଜୟୀ ହେଲେ । ***(ସୟଦନା ହଜରତ ଉମର୍ ବିନ୍ ଖତାବ୍ ..... ପୃ-୭୫୯.... ପାକିସ୍ତାନ)***

ପୁଣି ଏହିପରି ଆହୁରି ଅନେକ ସ୍ଥାନ ବିଜୟ କରାଯିବା ପ୍ରସଙ୍ଗରେ ଲେଖା ରହିଛି, ଯେ ଉମ୍ମେ ଦନିନ୍’ର ବିଜୟ ପରେ ସର୍ବପ୍ରଥମେ ହଜରତ ଅମ୍‌ରୋ ବିନ୍ ଆସ ଫୟୁମ ଇଲାକାକୁ ବିଜୟ କରିଥିଲେ । ସେହି ଇଲାକାର ସର୍ଦାର୍ ଉକ୍ତ ଯୁଦ୍ଧରେ ନିହତ ହେଲା ।

***(ସୟଦନା ହଜରତ ଉମର୍ ଫାରୁକ ..... ପୃ-୫୭୧-୫୭୨.... ଲାହୋର)***

ପୁଣି ଐନୁଶ୍ ଶମସ୍’ରେ ମୁସଲମାନମାନେ ରୋମୀମାନଙ୍କ ଉପରେ ବିଜୟ ଲାଭ କରିଥିଲେ । ଏହା ପୂର୍ବରୁ ଆଠ ହଜାର ଉତ୍ସର୍ଗୀଙ୍କର ଏକ ସୈନ୍ୟଦଳ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କର ସହାୟତା ପାଇଁ ଆସି ପହଂଚିଥିଲା । ଯାହାର ନେତୃତ୍ୱ ହଜରତ ଜୁବୈର୍ ବିନ୍ ଅୱାମ୍‌ଙ୍କ ହସ୍ତରେ ରହିଥିଲା ଓ ସେମାନଙ୍କ ମଧ୍ୟରେ ହଜରତ ଉବାଦା ବିନ୍ ସାମିତ୍, ହଜରତ ମିକ୍‌ଦାଦ୍ ବିନ୍ ଅସ୍ୱଦ୍ ଓ ହଜରତ ମୁସ୍‌ଲେମା ବିନ୍ ମୁଖଲଦ୍ ଆଦି ସାମିଲ ରହିଥିଲେ । ଏହି ଯୁଦ୍ଧରେ ମୁସଲମାନମାନେ ବିଜୟୀ ହେଲେ ଓ ତା’ପରେ ସମଗ୍ର ଫୟୁମ ରାଜ୍ୟ ଉପରେ ମୁସଲମାନମାନଙ୍କର ବିଜୟ ପ୍ରାପ୍ତ ହେଲା । ପୁଣି ମୁସଲମାନ ସେନାର ଗୋଟିଏ ଦଳ ମନୁଫିୟା ରାଜ୍ୟର ଦୁଇଟି ସହର ଅସରିବ୍ ଓ ମନୁଫ୍’କୁ ମଧ୍ୟ ପରାଜିତ କରିନେଇଥିଲେ ।

***(ସୟଦନା ହଜରତ ଉମର୍ ଫାରୁକ୍ ..... ପୃ-୫୭୩, ୫୭୯.... ଲାହୋର୍)***

ବାବିଲୋନ୍ ଦୁର୍ଗ ଅବା ଫୁସତାତ୍ ସହରକୁ ଦୀର୍ଘ ସାତ ମାସ ପର୍ଯ୍ୟନ୍ତ ଘେରାଉ କରିବା ପରେ ମୁସଲମାନମାନେ ଦୁର୍ଗ ଭିତରକୁ ପ୍ରବେଶ କରିଯାଇଥିଲେ ଏବଂ ସେମାନଙ୍କ ସହିତ ଲଢି ଦୁର୍ଗ ଜିଣି ନେଇଥିଲେ । ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ଦୁର୍ଗ ଅଧିକାର କରିବା ପରେ ଆଗକୁ ଅଗ୍ରସର ହେବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲେ ଓ ସଂଯୋଗବସତଃ ଗୋଟିଏ ପାରା ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କର ଶିବିରରେ ବସା ବାନ୍ଧି ଦେଇଥିଲା ତାହା ଉପରେ ଯେତେବେଳେ ଆପଣଙ୍କ ନଜର ପଡ଼ିଲା ଅର୍ଥାତ ପାରା’ର ବସା ଉପରେ ଯେତେବେଳେ ଅମ୍‌ରୋ ବିନ୍ ଆସଙ୍କ ନଜର ପଡ଼ିଲା ସେତେବେଳେ ଆପଣ ଆଦେଶ ଦେଲେ ଏହି ଶିବିରଟିକୁ ଭାଙ୍ଗ ନାହିଁ । ଏହିପରି ରହିବାକୁ ଦିଅ । ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ସିକନ୍ଦରିୟାରୁ ଫେରି ଏହି ଶିବିର ନିକଟରେ ସହରଟିଏ ଗଢ଼ି ଦେଇଥିଲେ ସେଥିଯୋଗୁଁ ଏହି ସହର ନାମ ଫୁସତାତ୍ ନାମରେ ସୁପ୍ରଶିଦ୍ଧ ହୋଇଗଲା ।

***(ଅଲ୍‌ଫାରୁକ୍ , ପୃ-୧୫୦-୧୫୧..... କରାଚି ୨୦୦୪)***

ଦୁର୍ଗରେ ଥିବା ସୁରକ୍ଷିତ ଦଳ ଆନୁମାନିକ ୫୦୦୦ କିମ୍ବା ୬୦୦୦ ସଂଖ୍ୟାରେ ରହିଥିଲେ । ସେମାନେ ପ୍ରତ୍ୟେକ ପ୍ରକାରର ହାତ ହତିୟାରରେ ସୁସଜ୍ଜିତ ଥିଲେ । ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ବାବିଲୋନ୍‌ର ଦୁର୍ଗକୁ ଘେରି ନେଇଥିଲେ । ସିକନ୍ଦରିୟା ପରେ ଏହା ବେଶ୍ ସୁଦୃଢ଼ ଦୁର୍ଗ ଥିଲା । ଯାହାକି ମଜ୍‌ଭୁତ ଇଟା ଦ୍ୱାରା ପ୍ରସ୍ତୁତ ହୋଇଥିଲା ତଥା ଚର୍ତୁପାଶ୍ୱରୁ ନୀଳ ନଦୀର ଜଳ ଦ୍ୱାରା ଆବଧ ରହିଥିଲା । ସମସ୍ତ ଜାହାଜ ଓ ନୌକା ଦୁର୍ଗର ଦ୍ୱାର ସମ୍ମୁଖରେ ଆସି ଲାଗୁଥିଲା ଏଥିଯୋଗୁଁ ସରକାରୀ ଆବଶ୍ୟକତା ପୂରଣ କରିବା ସକାଶେ ଅତ୍ୟନ୍ତ ଉପଯୁକ୍ତ ସ୍ଥାନ ଥିଲା । ଆରବ ଲୋକମାନଙ୍କ ନିକଟରେ ଏହି ସୁଦୃଢ଼ ଦୁର୍ଗ ଉପରେ ଆକ୍ରମଣ କରିବା ସକାଶେ ଆବଶ୍ୟକୀୟ ଯୁଦ୍ଧ ସରଞ୍ଜାମ ନଥିଲା ଏବଂ ଏଭଳି ପ୍ରତିକୂଳ ପରିସ୍ଥିତିରେ ମୁକାବିଲା ପାଇଁ  ମଧ୍ୟ ସେମାନେ ପ୍ରସ୍ତୁତ ନଥିଲେ ।

***(ସିରତ ଉମର ଫାରୁକ୍ , ପୃ-୨୬୪-୨୬୫..... ୨୦୧୦)***

ତଥାପି ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ତାହାର ଘେରାଉ କରିବାକୁ ମନସ୍ଥ କରିନେଲେ । ମକୋକସ୍ ଯିଏ କି ମିଶରର ଆଜ୍ଞାକାରୀ ଥିଲା, ସେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କ ପୂର୍ବରୁ ଦୁର୍ଗରେ ପହଂଚି ଯାଇଥିଲା ଏବଂ ଯୁଦ୍ଧର ପ୍ରସ୍ତୁତି ଆରମ୍ଭ କରିଦେଇଥିଲା । ହଜରତ ଜୁବୈର୍ ଘୋଡ଼ା ଉପରେ ଆରୋହଣ କରି ସୁଡ଼ଙ୍ଗର ଚର୍ତୁପାର୍ଶ୍ୱକୁ ପରିକ୍ରମା କଲେ ଓ ଯେଉଁସ୍ଥଳେ ଯାହା ଆବଶ୍ୟକ ଥିଲା ସେଠାରେ ସୈନ୍ୟ ମୃତୟନ କଲେ । ଏହି ଘେରାଉ କ୍ରମାଗତ ଭାବରେ ସାତ ମାସ ପର୍ଯ୍ୟନ୍ତ ଅଭ୍ୟାହତ ରହିଥିଲା । ଏହା ସତ୍ୱେ ମଧ୍ୟ ପରାଜୟ ଓ ବିଜୟ ନିର୍ଣ୍ଣୟ ହୋଇପାରିନଥିଲା ।

***(ଅଲ୍‌ଫାରୁକ୍ , ପୃ-୧୫୦..... କରାଚି ୨୦୦୪)***

ଇତି ମଧ୍ୟରେ ରୋମୀ ଦୂତଙ୍କୁ ମକୋକସ୍ ସନ୍ଧି ଓ ଭୟଭୀତ କରାଇବା ଉଦ୍ଦେଶ୍ୟରେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କ ନିକଟକୁ ଦୂତ ପ୍ରେରଣ କରୁଥିଲା । ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ହଜରତ ଅବାଦା ବିନ୍ ସାମିତ୍‌ଙ୍କୁ ପ୍ରେରଣ କଲେ ଏବଂ ସନ୍ଧି କରିବାର ତିନୋଟି ସର୍ତ ରଖିଲେ, ପ୍ରଥମ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନିଅ ଅବା ଖଜଣା ଦିଅ ନଚେତ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ । ଏତଦ୍‌ବ୍ୟତିତ ଅନ୍ୟ କୌଣସି କଥାରେ ଆମେ ସନ୍ଧି କରିବୁନାହିଁ ବୋଲି ଚେତାଇ ଦେଲେ । ଶେଷରେ ମକୋକସ୍ କର ଦେବା ସର୍ତ ସ୍ୱୀକାର କରିନେଇଥିଲା ଏବଂ ଏହି ପ୍ରସଙ୍ଗରେ ହର୍‌କଲ୍‌ଠାରୁ ଅନୁମତି ଲୋଡ଼ିବା ପାଇଁ ସେ ସ୍ୱୟମ ହିର୍‌କଲ୍ ସମ୍ରାଟଙ୍କ ନିକଟକୁ ଯାଇ ପଂହଚିଥିଲା କିନ୍ତୁ ହର୍‌କଲ୍ ତାହା ସ୍ୱୀକାର ନ କରି ପ୍ରତ୍ୟାଖ୍ୟାନ କରି ତାହା ଉପରେ ଭୀଷଣ କ୍ରୋଧିତ ହୋଇ ମକୋକସ ଦେଶରୁ ନିଷ୍କାସିତ ହେବାର ଶୁଣାଇ ଦେଶରୁ ବାହାର କରିଦେଲା । ***(ସୟଦନା ହଜରତ ଉମର୍ ବିନ୍ ଖତାବ୍..... ପୃ-୭୬୦.... ପାକିସ୍ତାନ) (ଉମର୍ ଫାରୁକ୍ , ପୃ-୫୮୨, ୫୮୪, ୫୯୦..... ଲାହୋର)***

ଯେତେବେଳେ ବାବିଲୋନ୍ ଦୁର୍ଗ ଜୟ କରିବାରେ ଅଧିକ ବିଳମ୍ବ ଘଟିଲା ସେତେବେଳେ ହଜରତ ଜୁବୈର ବିନ୍ ଅୱାମ କହିଲେ ବର୍ତମାନ ମୁଁ ନିଜ ଜୀବନ ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗ କରିବି ମୋର ଏ ଆଶା ରହିଛି ଯେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କରିବେ । ଏଥିଅନ୍ତେ ସେ ମୁକୁଳା ତରବାରୀ ନେଇ ଗୋଟିଏ ନିଶୁଣି ଲଗାଇ ଦୁର୍ଗ ଉପରକୁ ଚଢ଼ି ଯାଇଥିଲେ । ତାଙ୍କ ସହିତ ଆଉ କିଛି ସାହାବୀମାନେ ମଧ୍ୟ ଦୁର୍ଗର ଛାତ ଉପରେ ଚଢ଼ି ଯାଇଥିଲେ ଏବଂ ନାରାଏ ତକ୍‌ବିର୍ ଲଗାଇଥିଲେ । ଏଥି ସହିତ ଅନ୍ୟ ସୈନିକମାନେ ଯିଏକି ଅପରପାର୍ଶ୍ୱରେ ରହିଥିଲେ ସେମାନେ ତାହାର ଅର୍ଥାତ ନାରାର ଉଚ୍ଚ ସ୍ୱରରେ ଉତର ଦେଇଥିଲେ । ଯଦ୍ୱାରା ଦୁର୍ଗର ଭୂମି ପ୍ରକମ୍ପିତ ଓ ଆନ୍ଦୋଳିତ ହୋଇ ଉଠିଥିଲା ।

ଖ୍ରୀଷ୍ଟଧର୍ମୀମାନେ ବୁଝି ଗଲେ ଯେ, ଦୁର୍ଗ ଭିତରେ ମୁସଲମାନମାନେ ପ୍ରବେଶ କରିଗଲେ । ଅତଏବ ସେମାନେ ଭୟଭୀତ ହୋଇ ପଳାୟନ କଲେ । ହଜରତ ଜୁବୈର୍ ଛାତ ଉପରୁ ଓହ୍ଲାଇ ଦୁର୍ଗର ଦ୍ୱାର ଖୋଲିଦେଲେ ଫଳତଃ ସମସ୍ତ ଇସ୍‌ଲାମୀୟ ସେନା ଦୁର୍ଗ ଭିତରକୁ ପ୍ରବେଶ କରିଗଲେ ଏବଂ ଦୁର୍ଗ ଜୟ କରିନେଲେ ।

***(ସୟଦନା ହଜରତ ଉମର୍ ବିନ୍ ଖତାବ୍..... ପୃ-୭୬୦.... ପାକିସ୍ତାନ) (ଅଲ୍‌ଫାରୁକ୍ , ପୃ-୧୫୦..... କରାଚି ୨୦୦୪)***

ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ସେମାନଙ୍କୁ ଏହି ସର୍ତରେ ସୁରକ୍ଷା ଦେଲେ ଯେ ରୋମୀ ସେନା ନିଜ ସାଥିରେ କିଛି ଖାଦ୍ୟ ସାମଗ୍ରୀ ନେଇ ଏଠାରୁ ଚାଲିଯାଆନ୍ତୁ ଏବଂ ବାବିଲୋନ୍ ଦୁର୍ଗରେ ଯେଉଁ ଅସ୍ତ୍ରଶସ୍ତ୍ର ରହିଛି ତାହାକୁ ଛାଡ଼ି ଚାଲିଯାଆନ୍ତୁ କାରଣ ତାହା ଏବେ ମୁସଲମାନମାନଙ୍କର ସମ୍ପତି ହୋଇଯାଇଛି । ସେଥିଅନ୍ତେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ବାବିଲୋନ୍‌ର ଗମ୍ବୁଜ ଉଚ୍ଚ ଓ ସୁଦୃଢ଼ ପାଚେରୀ ଆଦିକୁ ଭାଙ୍ଗି ଦେଲେ ।

***(ସୟଦନା ହଜରତ ଉମର୍ ବିନ୍ ଖତାବ୍..... ପୃ-୭୬୦.... ପାକିସ୍ତାନ)***

ସେଥିଅନ୍ତେ ମୁସଲମାନମାନେ ମିଶରର ଅନ୍ୟାନ୍ୟ ଅଂଚଳ ଓ ଦୁର୍ଗ ଗୋଟିକ ପରେ ଗୋଟିଏ ଜୟ କରିନେଇଥିଲେ । ସେମାନଙ୍କ ମଧ୍ୟରେ ତର୍‌ନୁତ୍, ନକ୍‌ୟୁସ୍, ସୁଲ୍‌ତେସ୍ ଏବଂ କର୍‌ୟୁନ୍ ଇତ୍ୟାଦି ଇଲାକା ଥିଲେ । ***(ସୟଦନା ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୬୦୨, ୬୦୩, ୬୦୫, ୬୦୮.... କୁତୁବ୍ ଖାନା ଲାହୋର୍)***

ସିକନ୍ଦରିୟା କିଭଳି ମୁସଲମାନମାନେ ଜୟ କଲେ ସେହି ପ୍ରସଙ୍ଗରେ ଲେଖା ଅଛି ଯେ ଫୁସତାତ୍ ଜୟ କରିବା ପରେ ହଜ୍‌ରତ୍ ଉମର୍ ର:ଅ ସିକନ୍ଦରିୟା ଜୟ କରିବାପାଇଁ ଇସ୍‌ଲାମୀୟ ସେନାକୁ ଅନମୁତି ପ୍ରଦାନ କରିଦେଇଥିଲେ ସିକନ୍ଦରୀୟା ଓ ଫୁସ୍‌ତାତ୍‌ର ମଧ୍ୟବର୍ତୀ ସ୍ଥାନ କିର୍‌ୟୁନ୍‌ଠାରେ ରୋମୀମାନଙ୍କ ସହିତ ଭିଷଣ ଯୁଦ୍ଧ ହେଲା ଓ ମୁସଲମାନମାନେ ଜିତିଲେ । ତା'ପରେ ସିକନ୍ଦରିୟା ପର୍ଯ୍ୟନ୍ତ ରୋମୀମାନେ ସାମନାକୁ ଆସିଲେ ନାହିଁ । ଯଦିଚ ମକୋକସ୍ କର ଦେଇ ସନ୍ଧି କରିବାକୁ ପ୍ରସ୍ତୁତ ହୋଇଥିଲା । କିନ୍ତୁ ରୋମୀମାନେ ତାହା ଉପରେ ଚାପ ପକାଇଥିଲେ ଯଦ୍ଦ୍ୱାରା ମକୋକସ୍ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କ ନିକଟକୁ ବାର୍ତା ପ୍ରେରଣ କଲା ଯେ, ସେ ଓ କବ୍‌ତିଜାତି ଏହି ଯୁଦ୍ଧରେ ସାମିଲ ନାହାନ୍ତି ସେଥିପାଇଁ ଆମକୁ ଅର୍ଥାତ ମକୋକସ୍‌କୁ ଏଥିରେ କୌଣସି କ୍ଷତି ନ ପହଂଚିଯାଉ । କବ୍‌ତି ଏହି ଯୁଦ୍ଧରୁ ଅଲଗା ରହିଲେ ଓ ସେମାନେ ଇସ୍‌ଲାମୀ ସେନାର ସହଯୋଗ କରିଥିଲେ ଓ ମୁସଲମାନମାନଙ୍କ ପାଇଁ ମାର୍ଗ ସମତୁଳ କରିଥିଲେ ଓ ପୋଲ ମରାମତି କାମ କରିଥିଲେ । ସିକନ୍ଦରିୟା ଘେରାଉ ସମୟରେ ମଧ୍ୟ କବ୍‌ତିମାନେ ମୁସଲମାନମାନଙ୍କ ସାହାଯ୍ୟ କରିଥିଲେ । ସିକନ୍ଦରିୟାର ଗୁରୁତ୍ୱ ଏହିଥିରୁ ପ୍ରତିତ ହେଉଛି ଯେ ଯେତେବେଳେ ମୁସଲମାନମାନେ ସିକନ୍ଦରିୟା ଜୟ କଲେ ସେତେବେଳେ ତାହା ସମ୍ପୁର୍ଣ୍ଣ ଦେଶରେ କେନ୍ଦ୍ରସ୍ଥଳୀ ଓ ରାଜଧାନୀ ସଦୃଶ ଥିଲା । କୁସ୍‌ତୁନ୍‌ତୁନିୟା ପରେ ବାଜ୍‌ନତିନି ରୋମୀ ସମ୍ରାଟର ଦ୍ୱିତୀୟ ବଡ଼ ସହର ଥିଲା ଏବଂ ଦୁନିଆର ସର୍ବପ୍ରଥମ ବ୍ୟବସାୟୀ କେନ୍ଦ୍ର ଥିଲା । ବାଜ୍‌ନତିନ୍ ଏ କଥା ଭଲ ରୂପେ ଅବଗତ ଥିଲା ଯେ ଯଦି ସହର ଉପରେ ମୁସଲମାନମାନେ ଅଧିକୃତ ସାବ୍ୟସ୍ତ କରିନିଅନ୍ତି ତେବେ ତାହାର ପରବର୍ତୀ ସମୟ ଭୟଙ୍କର ପରିଣାମ ଦେଖିବାକୁ ମିଳିବ । ଏହି ବ୍ୟତିବ୍ୟସ୍ତତାରେ ହିର୍‌କଲ୍ ଏହା କହିଥିଲା ଯେ ଯଦି ଆରବ ସିକନ୍ଦରିୟା ଜୟ କରନିଅନ୍ତି ତେବେ ରୋମୀମାନେ ଧ୍ୱଂସ ହୋଇଯିବେ । ସୁତରାଂ ସିକନ୍ଦରିୟାରେ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବାକୁ ସେ ସ୍ୱୟମ ଯୁଦ୍ଧ କ୍ଷେତ୍ରରେ ଅବତରଣ କରିଥିଲା କିନ୍ତୁ ଏହି ପ୍ରସ୍ତୁତି ଚଳାଇଥିବା ସମୟରେ ହିଁ ତାହାର ମୃତ୍ୟୁ ହୋଇଥିଲା । ତା'ପରେ ତା'ର ପୁଅ କୁସ୍‌ତୁନ୍‌ତିନ୍ ରାଜା ହୋଇଥିଲେ । ସିକନ୍ଦରିୟା ନିଜର ସ୍ଥାନ, କିଲ୍ଲାର କାନ୍ଥର ନିର୍ମାଣ ମଜ୍‌ଭୁତି ଓ ସୁରକ୍ଷା ମୂଳକ ବ୍ୟବସ୍ଥା ଆଦି ଦୃଷ୍ଟିକୋଣରୁ ଅନ୍ୟୁନ୍ୟ ସ୍ଥାନ ଅଧିକାର କରିଥିଲା । ସିକନ୍ଦରିୟାର ଘେରାଉ ଦୀର୍ଘ ନଅ ମାସ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ମନରେ ସନ୍ଦେହ ଜାତ ହେବାରୁ ଆପଣ ପତ୍ର ଲେଖିଲେ ଯେ ସମ୍ଭବତଃ ତୁମେମାନେ ସେଠାରେ ରହି ଭୋଗବିଳାସରେ ମାତି ରହିଛ ନଚେତ ବିଜୟ ପ୍ରାପ୍ତ କରିବା ପାଇଁ ଏଭଳି ବିଳମ୍ବ କାହିଁକି ହେଲା । ତେଣୁ ସୈନିକମାନଙ୍କୁ ମୋର ଏହି ବାର୍ତା ପହଂଚାଇ ସେମାନଙ୍କୁ ଜେହାଦ୍ କରିବାକୁ ଉତ୍ସାହିତ କର ଓ ଶତ୍ରୁ ଉପରେ ଆକ୍ରମଣ କରିଦିଅ । ଅମିରୁଲ୍ ମୁମିନିନ୍‌ଙ୍କ ଏହି ପତ୍ର ପାଠ କରି ଶୁଣାଇବା ପରେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ହଜରତ ଅବୁ ଉବୈଦାଃ ର:ଅଙ୍କୁ ଡ଼କାଇଲେ ଏବଂ ଇସ୍‌ଲାମୀୟ ଧ୍ୱଜା ତାଙ୍କ ନିକଟରେ ଅର୍ପଣ କରିଦେଇଥିଲେ । ସେଥିଅନ୍ତେ ମୁସଲମାନ ସେନା ସହସା ଏଭଳି ଘାତକ ପୂର୍ଣ୍ଣ ଆକ୍ରମଣ କରିଦେଲେ ଯେ ସହର ବିଜୟ କରିବା ସାର ହେଲା ଅର୍ଥାତ ଯୁଦ୍ଧ ଜିଣିନେଲେ । ତା'ପରେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ନିଜର ଦୂତ ମଦିନା ପ୍ରେରଣ କଲେ ଏବଂ ତାଙ୍କୁ କହିଲେ, ଯଥା ସମ୍ଭବ ତିବ୍ର ବେଗରେ ଯାଇ ଅମିରୁଲ୍ ମୁମିନିନ୍‌ଙ୍କୁ ଏହି ସୁସମାଚାର ପ୍ରଦାନ କର ଯେ, ଆମେ ସିକନ୍ଦରିୟା ଜୟ କରିନେଇଛୁ । ସନ୍ଦେଶବାହକ ମଦିନାରେ ଯାଇ ଦ୍ୱିପ୍ରହରରେ ପହଂଚିଲା ଓ ସେ ଏକଥା ଭାବିଲେ ଯେ କାଳେ ଏବେ ଅମିରୁଲ୍ ମୁମିନିନ୍ ବିଶ୍ରାମ କରୁଥିବେ ତେଣୁ ସେ ସିଧାସଳଖ ମସ୍‌ଜିଦ୍ ନବଓ୍ୱି ଚାଲିଗଲେ ଭାଗ୍ୟବଶତଃ ଅମିରୁଲ୍ ମୁମିନିନ୍‌ଙ୍କର ଦାସି ସେଠାରେ ଆସି ପହଂଚିଗଲେ ଓ କହିଲେ ତୁମେ କିଏ ଓ କେଉଁଠୁ ଆସିଛ ? ସନ୍ଦେଶବାହକ ଉତର ଦେଲେ ମୁଁ ସିକନ୍ଦରିୟାରୁ ଆସିଛଇ । ସେ ଯାଇ ହଜୁର ର:ଅଙ୍କୁ ଏହି ସୁସମାଚାର ପ୍ରଦାନ କରିଥିଲେ । ବିଜୟର ସମ୍ବାଦ ଶୁଣିବା ମାତ୍ରେ ଅମିରୁଲ୍ ମୁମିନିନ୍ ପ୍ରଭୁଙ୍କ ଶରଣରେ ଆନତ ହୋଇଯାଇଥିଲେ ଏବଂ କୃତଜ୍ଞତା ଜ୍ଞାପନ କରି ସଜ୍‌ଦା କରିଥିଲେ । ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ସନ୍ଦେଶବାହକକୁ ପଚାରିଲେ ତୁମେ ମୋ ନିକଟକୁ ସିଧାସଳଖ କାହିଁକି ଚାଲି ଆସିଲନାହିଁ ? ସେ ଉତର ଦେଲେ ମୁଁ ମନେକଲି ଯେ, ସମ୍ଭବତଃ ଆପଣ ବିଶ୍ରାମ କରୁଥିବେ ପ୍ରତ୍ୟୁତରରେ ହଜ୍‌ରତ୍ ଉମର୍ ର:ଅ କହିଲେ, ତୁମେ ମୋ ପ୍ରସଙ୍ଗରେ ଏଭଳି ବିଚାର କାହିଁକି କଲ ? ଯଦି ମୁଁ ଦିନ ବେଳା ବିଶ୍ରାମ କରିବି ତେବେ ଖିଲାଫତ୍‌ର ଗୁରୁଦାୟିତ୍ୱ କିପରି ତୁଲାଇବି ?

ସିକନ୍ଦରିୟା ଜୟ କରିବାପରେ ସମଗ୍ର ମିଶରର ଦେଶ ମୁସଲମାନମାନଙ୍କର ହାତ ମୁଠାକୁ ଚାଲି ଆସିଥିଲା । ଏହି ଅଭିଯାନରେ ଶତ୍ରୁପକ୍ଷର ଅନେକ ସିପାହୀ କଏଦ ହୋଇଥିଲେ । ହଜ୍‌ରତ୍ ଉମର୍ ର:ଅ କଏଦୀମାନଙ୍କ ପ୍ରସଙ୍ଗରେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କୁ ପତ୍ର ମାଧ୍ୟମରେ ଏହି ସନ୍ଦେଶ ଦେଲେ ଯେ, ସମସ୍ତ ବନ୍ଦିମାନଙ୍କୁ ଡ଼କାଇ କହିଦିଅ ଯେ, ତୁମେମାନେ ସ୍ୱଇଚ୍ଛାରେ ମୁସଲମାନ ହୋଇଯାଅ ଅବା ନିଜ ଧର୍ମରେ ପ୍ରତିଷ୍ଠିତ ରହିପାର । ଏଥିରେ ମୁସଲମାନମାନଙ୍କର କିଛି ଯାଏ ଆସେ ନାହିଁ ଯଦି ଇସ୍‌ଲାମ୍ ଗ୍ରହଣ କରିବେ ତା'ହେଲେ ସେମାନଙ୍କୁ ସେହି ସମସ୍ତ ଅଧିକାର ଦିଆଯିବ ଯାହା ମୁସଲମାନମାନଙ୍କୁ ଦିଆଯାଇଥାଏ । ନଚେତ କର ଦେବାକୁ ହେବ । ହଜରତ ଉମର ର:ଅଙ୍କର ଏ ଆଦେଶ ଯେତେବେଳେ କଏଦିମାନଙ୍କୁ ଶୁଣାଇ ଦିଆଗଲା ଅନେକ କଏଦି ଇସ୍‌ଲାମ୍ ଗ୍ରହଣ କରିନେଲେ ଓ ଅନେକ କଏଦି ନିଜ ନିଜ ଧର୍ମରେ ପ୍ରତିଷ୍ଠିତ ରହିଲେ । ଯେତେବେଳେ କୌଣସି ବ୍ୟକ୍ତି ଇସ୍‌ଲାମ୍‌ର ସ୍ୱୀକାର କରୁଥିଲା ସେତେବେଳେ ମୁସଲମାନମାନେ ନାରା (ସ୍ଲୋଗାନ୍) ଲଗାଉଥିଲେ ଏବଂ ଯେତେବେଳେ କୌଣସି ବ୍ୟକ୍ତି ଖ୍ରୀଷ୍ଟଧର୍ମୀ ଭାବରେ ନିଜକୁ ଅଭିହିତ କରୁଥିଲା । ସେତେବେଳେ ଖ୍ରୀଷ୍ଟଧର୍ମୀମାନେ ସ୍ଲୋଗାନ ଲଗାଉଥିଲେ ଓ ମୁସଲମାନମାନେ ଦୁଃଖ ଅନୁଭବ କରୁଥିଲେ ।

***(ଅଲ୍‌ଫାରୁକ୍ , ପୃ-୧୬୨-୧୬୫..... କରାଚି ୧୯୯୧) (ସୟଦନା ହଜରତ ଉମର୍ ବିନ୍ ଖତାବ୍..... ପୃ-୭୬୦-୭୬୪.... ପାକିସ୍ତାନ)***

ସିକନ୍ଦରିୟା ବିଜୟ ପ୍ରସଙ୍ଗରେ ଆମ ବିରୋଧିମାନେ ବିଶେଷ କରି ଖ୍ରୀଷ୍ଟଧର୍ମାଲମ୍ବୀ ଐତିହାସକିମାନେ ଏହି ଆପତି କରିଥାନ୍ତି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ନିର୍ଦ୍ଦେଶକ୍ରମେ ସିକନ୍ଦରିୟାର ପୁସ୍ତାକାଗାରରେ ଅଗ୍ନୀ ସଂଯୋଗ କରିଦିଆଯାଇଥିଲା ଯାହାକି ଛଅ ମାସ ପର୍ଯ୍ୟନ୍ତ ଜଳୁଥିଲା । ସେମାନେ ଏହି ଆପତି ଦ୍ୱାରା ଏହି ପ୍ରଭାବ ପକାଇବାକୁ ପ୍ରୟାସ କରିଥାନ୍ତି ଯେ, ମୁସଲମାନମାନେ ନଉଜୁବିଲ୍ଲାଃ ବିଦ୍ୟା, ବୁଦ୍ଧି ଓ ଜ୍ଞାନର ବିରୋଧି ଓ ଶତ୍ରୁ ଥିଲେ । ଯେବେ କି ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ମୁସଲମାନମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି ଯେ ଜ୍ଞାନ ଆହରଣ କରିବା ହେଉଛି ପ୍ରତ୍ୟେକ ମୁସଲମାନମାନଙ୍କର କର୍ତବ୍ୟ ଏବଂ ଯଦି ଜ୍ଞାନ ଆହରଣ କରିବା ସକାଶେ ତୁମକୁ ଚୀନ୍ ପରି ସୁଦୂର ଦେଶକୁ ଯିବାକୁ ପଡ଼େ ତେବେ ମଧ୍ୟ ସେଠାକୁ ଯାଇ ଶିକ୍ଷା ଅର୍ଜନ କର ।

***(କନ୍‌ଜୁଲ୍ ଆମାଲ୍, ଖଣ୍ଡ-୧୦, ପୃ-୧୩୮.... ହଦିସ୍- ୨୮୬୯୭)***

ଏପରି ଶିକ୍ଷାଧାରୀ ଲୋକମାନଙ୍କ ପ୍ରସଙ୍ଗରେ ଆପତି କରିବା ଯେ ସେମାନେ ଗ୍ରନ୍ଥାଳୟ ଜାଳି ଦେଇଥିଲେ କୌଣସି ମତେ ସ୍ୱୀକାର ଯୋଗ୍ୟ ନୁହେଁ ବରଂ ବୁଦ୍ଧିମାନ ବ୍ୟକ୍ତି ଏହାକୁ ବୁଦ୍ଧିଜ୍ଞାନର ବିପରୀତ ମୂଳକ କଥନ ମଣିବ । ଅନେକ ଖ୍ରୀଷ୍ଟଧର୍ମାଲମ୍ବୀ ଓ ୟୁରୋପୀୟ ଅନୁସନ୍ଧାନକାରୀମାନେ ମଧ୍ୟ ଏକଥା ପ୍ରମାଣିତ କରିଛନ୍ତି ଯେ, ସିକନ୍ଦରିୟାର ଗ୍ରନ୍ଥାଳୟକୁ ଭଷ୍ମୀଭୂତ କରିବା ଘଟଣା ସମ୍ପୁର୍ଣ୍ଣ ରୂପେ ମନଗଢ଼ା ଓ ମିଥ୍ୟା ରଟନ । ଅତଏବ ମିଶରର ଜଣେ ଆଲିମ ମୁହମ୍ମଦ ରଜା ନିଜ ବ୍ୟାଖ୍ୟା ସିରତ୍ ଉମ୍‌ର ଫାରୁକ୍‌ର ବର୍ଣ୍ଣନାରେ ଉଲ୍ଲେଖ କରିଛନ୍ତି ଯେ ସିକନ୍ଦରିୟାର ଗ୍ରନ୍ଥାଳୟରେ ନିଆଁ ଲଗାଯିବାର ଯେଉଁ ଆପତି କରାଯାଉଛି ତାହାର ଚର୍ଚ୍ଚା ଅବୁଲ୍ ଫର୍ଜ ମଲ୍‌ତି କରିଛନ୍ତି । ସେ ଏହି ଘଟଣା ଇତିହାସର ଗୋଟିଏ ପୁସ୍ତକ ମୁଖ୍‌ତସିରୁଦ୍ ଦୌଲାରେ ସଂକ୍ଷିପ୍ତ ଭାବରେ ବର୍ଣ୍ଣନା କରନ୍ତି ଯେ, ଏହି ଐତିହାସିକ ଜଣକ ୧୨୨୬ ଖ୍ରୀ.ଅରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୨୮୬ରେ ସେ ମୃତ୍ୟୁବରଣ କରିଥିଲେ । ସେ ଲେଖିଛନ୍ତି ଯେ ବିଜୟ ସମୟରେ ୟହନା ନହୁ ନାମୀ ଜଣେ ବ୍ୟକ୍ତି ଯିଏ କବ୍‌ତି ପାଦ୍ରୀ ଥିଲା ମୁସଲମାନମାନଙ୍କ ଗୋଷ୍ଠୀ ସହିତ ସମ୍ପର୍କ ରଖୁଥିଲା କିନ୍ତୁ ପରେ ସେ ଇସାଇମାନଙ୍କ ତ୍ରିନିଟିବାଦରୁ ଫେରିଗଲା ଓ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କୁ ଗ୍ରନ୍ଥାଳୟର ପୁସ୍ତକ ମାଗିଲା ସେଥିରେ ସେ ଉତର ଦେଲା ଯେ ଖଲିଫାଙ୍କ ଅନୁମତି ମିଳିବା ପରେ ଯାଇ କିଛି ମୁଁ ଆପଣଙ୍କୁ ଦେଇପାରିବି । ଏହା ଏପରି ମିଥ୍ୟା କାହାଣୀ ଯାହାକି ବିଶ୍ୱାସ ଯୋଗ୍ୟ ନୁହେଁ ତଥାପି ମୁଁ ବର୍ଣ୍ଣନା କରିଦେଉଛି କେବଳ ଆପତିର ରଦ୍ଦ କରିବା ଉଦ୍ଦେଶ୍ୟରେ । ହଜ୍‌ରତ୍ ଉମର୍ ର:ଅ ଲେଖିଥିଲେ ଯେ, ଆପଣ ଯେଉଁ ପୁସ୍ତକର ଚର୍ଚ୍ଚା କଲେ ଯଦି ସେହି ତଥ୍ୟ ଅଲ୍ଲାଃଙ୍କ ପୁସ୍ତକ ଅନୁଯାୟୀ ଅଟେ ଅର୍ଥାତ ସେହି ପୁସ୍ତକରେ ଆମ ଧର୍ମ ପୁସ୍ତକରେ ଯେଉଁ ଶିକ୍ଷା ରହିଛି ସେଥିରେ ମଧ୍ୟ ରହିଥାଏ ତେବେ ଯାହା କିଛି ପବିତ୍ର ଧର୍ମଗ୍ରନ୍ଥରେ ରହିଛି ତାହା ଆମ ପାଇଁ ଯଥେଷ୍ଟ । ସେହି ପୁସ୍ତକଗୁଡ଼ିକର ଆମ୍ଭର କୌଣସି ଆବଶ୍ୟକତା ନାହିଁ ଆଉ ଯଦି ସେହି ତଥ୍ୟମାନ ପ୍ରଭୁଙ୍କ ଧର୍ମ ପୁସ୍ତକ ବିପରୀତ ଶିକ୍ଷା ଥିବ ତେବେ ତାହାର ଆମକୁ କୌଣସି ମତେ ଲୋଡ଼ା ନାହିଁ । ବସ୍ତୁତଃ ଆପଣ ସେହି ପୁସ୍ତକଗୁଡ଼ିକୁ ନଷ୍ଟ କରିଦିଅନ୍ତୁ । ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ସିକନ୍ଦରିୟାର ହମାମ୍‌ରେ ସେହି ପୁସ୍ତକଗୁଡ଼ିକୁ

ଛାଂଟିବା ଆରମ୍ଭ କରିଦେଲେ ଏବଂ ଭାଟିରେ ଜାଳି ନଷ୍ଟ କରିଦେଲେ । ଏପରି ସେହି ପୁସ୍ତକ ଗୁଡ଼ିକ ନଷ୍ଟ ହେବାରେ ଛଅମାସର ସମୟ ଲାଗିଯାଇଥିଲା ।

ଏହି ବର୍ଣ୍ଣନା ତବ୍‌ରୀର ଇତିହାସ ପୁସ୍ତକରେ ଦରଜ ଅଛି ନା ଇବ୍‌ନେ ଅସିର୍‌ରେ ଲେଖା ଅଛି ନା ୟାକୁବି ଓ କନ୍ଦିରେ ଇବ୍‌ନେ ଅବ୍‌ଦୁଲ୍ ହକିମ୍ ବଲାଦରିରେ ମଧ୍ୟ ଉଲ୍ଲେଖ ନାହିଁ, ନା ଇବ୍‌ନେ କୁଲ୍‌ଦୁମ୍‌ରେ ତାହାର ଅଲୋଚନା ରହିଛି କେବଳ ଅବୁଲ୍ ଫର୍ଜ ୧୩ଶହ ଖ୍ରୀଷ୍ଟାବ୍ଦର ମଧ୍ୟ ଭାଗରେ ଅଧା ଓ ସପ୍ତମ ଶତାବ୍ଦୀ ହିଜରୀର ପ୍ରାରମ୍ଭରେ କୌଣସି ମୂଳ ଶବ୍ଦର ଚର୍ଚ୍ଚା ନ କରି ତାହାକୁ ଉଲ୍ଲେଖ କରିଛନ୍ତି ଅର୍ଥାତ କୌଣସି ତଥ୍ୟ ନ ଦେଇ ତାହାର ବର୍ଣ୍ଣନା ଏହିଭଳି କରିଦେଇଛନ୍ତି ।

ପ୍ରଫେସର ବଟଲ୍‌ର ୟୋହାନା ନହ୍‌ଓ୍ୱିଙ୍କ ସମ୍ବନ୍ଧରେ ନବୀ ପ୍ରସଙ୍ଗରେ ଅନୁସନ୍ଧାନ କରି ଲେଖିଛନ୍ତି ଯେ, ସେ ୬୪୨ ଖ୍ରୀଷ୍ଟାବ୍ଦ ସମୟରେ ଗ୍ରନ୍ଥାଳୟକୁ ଅଗ୍ନୀ ସଂଯୋଗ କରି ଜାଳିବାର ଯେଉଁ ବର୍ଣ୍ଣନା ମିଳିଛି, ସେତେବେଳେ ସେ ଅର୍ଥାତ ୟୋହନା ଜୀବିତ ନଥିଲେ ଦାଏରାଏ ମାରିଫା ବର୍ତାନିୟା ଉଲ୍ଲେଖ କରିଛନ୍ତି ଯେ, ୟୋହାନା ପଂଚମ ଶତାବ୍ଦୀର ଶେଷ ଷଷ୍ଠ ଶତାବ୍ଦୀର ପ୍ରାରମ୍ଭରେ ଜିବୀତ ଥିଲେ ଯେବେ କି ମିଶର ସପ୍ତମ ଶତାବ୍ଦୀର ପ୍ରାରମ୍ଭରେ ବିଜୟ ହୋଇଥିଲା । ଏହି ଦୃଷ୍ଟିକୋଣରୁ ପ୍ରଫେସର ବଟଲର୍ ସଠିକ୍ କହିଛନ୍ତି ଯେ, ସେତେବେଳେ ସେ ଜୀବିତ ନଥିଲେ ଅର୍ଥାତ ଏହାର ପ୍ରମାଣ ସେ ଦେଉଛନ୍ତି ଯେ ସେହି ଘଟଣାର ବହୁ ପୂର୍ବରୁ ସେ ଦେହ ତ୍ୟାଗ କରିସାରିଥିଲେ । ପୁନଶ୍ଚ ଡ଼କ୍ଟର ହସନ୍ ଇବ୍ରାହିମ୍ ହସନ୍ ପ୍ରଫେସର ଇସ୍‌ମାଇଲ୍‌ର ରିଫରେ ନ୍‌ସ୍ ଦେଇ ପ୍ରମାଣ ସ୍ୱରୁପ ନିଜ ପତ୍ରିକା "ଇତିହାସ ଉମ୍‌ରୋ ବିନ୍ ଆସ"ରେ ଲେଖିଛନ୍ତି ଯେ ସେତେବେଳେ ସିକନ୍ଦରିୟାରେ ପୁସ୍ତକାଳୟ ନଥିଲା କାରଣ ତାହାର ଦୁଇ ଭାଗ ମଧ୍ୟରୁ ଗୋଟିଏ ଭାଗକୁ ଜୁଲିୟସ୍ ସିଜର୍‌ର ସେନା ବିନା କୌଣସି ଉଦ୍ଦେଶ୍ୟରେ ଓ ଅଯଥାରେ ୪୭ କାଫ୍ ମିମ୍‌ରେ ଜାଳି ଦେଇଥିଲା । ତାହାର ଦ୍ୱିତୀୟ ଭାଗ ମଧ୍ୟ ଏହିପରି ନଷ୍ଟ ହୋଇଗଲା । ଏହି ଘଟଣା Teofill ପାଦ୍ରୀଙ୍କ ଆଦେଶକ୍ରମେ ଚତୁର୍ଥ ଶତାବ୍ଦୀରେ ଘଟିଥିଲା ।

ପ୍ରଫେସର ବଟଲ୍‌ର ଲେଖିଛନ୍ତି; ଅବୁଲ୍ ଫର୍ଜର ଘଟଣା ଇତିହାସ ଦୃଷ୍ଟିକୋଣରୁ ପ୍ରମାଣ ସିଦ୍ଧ ନୁହେଁ । ଏହା ପରିହାସ ମୂଳକ ଅର୍ଥାତ ହାସ୍ୟସ୍ପଦ । ଯଦି ପୁସ୍ତକଗୁଡ଼ିକ ଜାଳିବା ଉଦ୍ଦେଶ୍ୟ ଥିଲା ତେବେ ଏକାଥରକେ ଜାଳିଦେଇ ନଷ୍ଟ କରିଦିଆଯାଇଥାନ୍ତା ଛଅମାସର ଦୀର୍ଘ ସମୟ ଅତିବାହିତ କରିବାର କ'ଣ ଆବଶ୍ୟକତା ରହିଥିଲା ? ଇତିମଧ୍ୟରେ ଅନେକ ପୁସ୍ତକ ଚୋରି ହୋଇଯାଇଥିବ । ଆରବୀଙ୍କ ପ୍ରସଙ୍ଗରେ ଏଭଳି କୌଣସି ଘଟଣା ଦେଖିବାକୁ ମିଳିନଥାଏ ଯେ ସେମାନେ କୌଣସି ଜିନିଷ କେବେ ନଷ୍ଟ କରିଥିବେ ।

ଗିବନ୍ ଲେଖିଛନ୍ତି ଯେ, ଇସ୍‌ଲାମୀୟ ଶିକ୍ଷା ଏହି ବର୍ଣ୍ଣନାର ବିରୋଧ କରୁଛି, ଖଣ୍ଡନ କରୁଛି କାରଣ ତା'ର ଶିକ୍ଷା ହେଉଛି ଏହା କି ଯୁଦ୍ଧ ଚାଲିଥିବା ସମୟରେ ବା ଯୁଦ୍ଧରେ ବିଜୟୀ ହେଲେ ୟହୁଦୀ ଓ ଖ୍ରୀଷ୍ଟଧର୍ମୀଙ୍କ ମିଳିବାର ପୁସ୍ତକ ଜାଳିବା ବୈଧ୍ୟ ନୁହେଁ । ଯେଉଁଠି ଜ୍ଞାନ, ଦର୍ଶନ, ବିଜ୍ଞାନ ଓ ଧର୍ମର ଅନ୍ୟାନ୍ୟ ପୁସ୍ତକର କଥା ଉଠୁଛି ସେଠାରେ ଇସ୍‌ଲାମ୍ ସେଥିରୁ ଉପକୃତ ହେବା ପାଇଁ ଜରୁରୀ ଓ ବୈଧ ଦର୍ଶାଇଛି । ବିଜୟପ୍ରାପ୍ତ କରିଥିବା ଇଲାକାରେ ଗୀର୍ଜା ଓ ତତ୍‌ସମ୍ବନ୍ଧିତ ଜିନିଷକୁ କ୍ଷତି ପହଂଚାଇବାରୁ ଇସ୍‌ଲାମ୍ ମନା କରିଛି ବରଂ ଜିମିମାନଙ୍କୁ ମଧ୍ୟ ସେମାନଙ୍କ ଧର୍ମ ପ୍ରସଙ୍ଗରେ ସ୍ୱାଧିନତା ପ୍ରଦାନ କରିଛନ୍ତି । ତେବେ ଏପରି ସ୍ଥଳେ ଅମିରୁଲ୍ ମୁମିନିନ୍ ସିକନ୍ଦରିୟାର ପୁସ୍ତକାଳୟ ଜାଳିବାର କିପରି ଆଦେଶ ଦେଇଥିବେ ? ***(ସିରତ ଉମର୍ ଫାରୁକ.......ପୃ-୨୯୪-୨୯୭....... ଲାହୋର ୨୦୧୦)***

ଯମାତ୍ ଅହେମଦିୟାର ପ୍ରଥମ ଖଲିଫା ହଜରତ ଖଲିଫା ଅୱ୍ୱଲ୍ ର:ଅ ନିଜ ପୁସ୍ତକ 'ତସ୍‌ଦିକେ ବରାହିନେ ଅହେମଦିୟା'ରେ ମଧ୍ୟ ଏହି ଆପତିର ଭରପୁର ପ୍ରମାଣ ଭିତିକ ଉତର ଦେଇ ତାହାର ଖଣ୍ଡନ କରିଛନ୍ତି । ପ୍ରଥମ ଖଲିଫା କୁହନ୍ତି: ଫେଲୋନସ୍ ହକିମ୍ ଏବଂ ଫାଜିଲ୍ ଅଜଲ୍‌ଙ୍କ ନିବେଦନ ଯୋଗୁଁ ଅମ୍‌ରୋ ବିନ୍ ଆସ ହଜରତ ଅମିରୁଲ୍ ମୁମିନିନ୍ ଖଲିଫା ସାନିଙ୍କଠାରୁ ଗ୍ରନ୍ଥାଳୟ ପରିପ୍ରେକ୍ଷୀରେ ଆଦେଶ ଚାହିଁଲେ । ଖଲିଫା ସାନି ଲେଖିଲେ ଯେ ତାହାକୁ ସଙ୍ଗେ ସଙ୍ଗେ ଜାଳିଦିଅ ଏବଂ ଛଅ ମାସ ପର୍ଯ୍ୟନ୍ତ ହମାମ୍ ଜଳୁଥିଲା । ଏହି ଆପତି କେବଳ ପାଦ୍ରୀମାନଙ୍କ ମନଗଢ଼ା ଯେଉଁଥିରେ ତିଳେମାତ୍ର ବାସ୍ତବିକତା ତଥା ସତ୍ୟତା ନାହିଁ । ପାଠକମାନେ ଧ୍ୟାନ ଦିଅନ୍ତୁ ଯେ, ପ୍ରଥମତଃ ଇସ୍‌ଲାମ୍‌ର ଅଭ୍ୟାସରେ ରହିଛି ଯେ, ୟହୁଦୀ ଖ୍ରୀଷ୍ଟଧର୍ମୀ ଇସ୍‌ଲାମ ପୂର୍ବରୁ ଯେଭଳି ଧର୍ମମାନ ରହିଛି, ଯେଭଳି ନବୀମାନେ ଆସିଥିଲେ, ଯେଭିଳ ଧର୍ମପୁସ୍ତକମାନ ରହିଥିଲା ତାହା ପ୍ରଭୁଙ୍କର ପୁରସ୍କାର । କୌଣସି ଇତିହାସରେ ଦରଜ ନାହିଁ ଯେ, ଇସ୍‌ଲାମ୍ ସେହି ପୁସ୍ତକଗୁଡ଼ିକୁ ଜାଳି ନଷ୍ଟ କରିଥିଲା ଯଦି ଏଥିରେ ସତ୍ୟାସତ୍ୟ ଥାଆନ୍ତା ତେବେ ଏଭଳି ଘଟଣା ଇସ୍‌ଲାମ୍ ଓ ଖଲିଫାଙ୍କ ଉପରେ କାଳିମା ବୋଳି ଦେଇଥାନ୍ତା । ଇସ୍‌ଲାମ୍ ଏଭଳି ଆଦେଶ ଦେବାରୁ ପବିତ୍ର । ଦ୍ୱିତୀୟତଃ ଯଦି ଧାର୍ମିକ ପୁସ୍ତକଗୁଡ଼ିକୁ ଜାଳିବା ଇସ୍‌ଲାମୀୟ ରାଜା ଓ ପ୍ରଜାଙ୍କର କାମ ହୋଇଥାନ୍ତା ତେବେ ୟୁନାନୀ ଦର୍ଶନ, ୟୁନାନୀ ଚିକିତ୍ସାଶାସ୍ତ୍ର ଏବଂ ୟୁନାନୀ ପୁସ୍ତକଗୁଡିକର ଅନୁବାଦ ମିଳି ହିଁ ନଥାନ୍ତା । ତୃତୀୟତଃ ଯଦି ପୁସ୍ତକଗୁଡ଼ିକୁ ମୁସଲମାନମାନେ ଜଳାଇଥାନ୍ତେ ତେବେ ଜରୁରୀ ଥିଲା ଯେ ମୁକଜିବେ ବରାହିନେ ଅହେମଦିୟା ଯିଏ ବରାହିନେ ଅହେମଦୀୟା ଖଣ୍ଡନ କରୁଛି ସେ ଏହାର ଉତରରେ, ବରାହିନେ ଅହେମଦିୟରେ ଲେଖା ରହିଛି ତେବେ ପ୍ରଥମ ଖଲିଫା ନିଜ ଦେଶର କୌଣସି ଦୃଷ୍ଟାନ୍ତ ଦେଇଥାନ୍ତେ ଓ ତାଙ୍କୁ ସିକନ୍ଦରିୟା ଅର୍ଥାତ ସମୁଦ୍ର ପାର ଯିବାକୁ ପଡ଼ିନଥାନ୍ତା । ଏହି ସ୍ଥଳେ ଲେଖିଥାନ୍ତେ ଯେ, ହିନ୍ଦୁସ୍ତାନରେ କେଉଁ ପୁସ୍ତକ ଜଳା ଯାଇଥିଲା । ଚତୁର୍ଥରେ ୭୦୦ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ମୁସଲମାନମାନେ ଭାରତରେ ଶାସନ କରିଥିଲେ । ଏହି ସମୟ ମଧ୍ୟରେ ଭାଗବତ, ରାମାୟଣ, ଗୀତା, ମହାଭାରତ ତଥା ଅନ୍ୟାନ୍ୟ ଉପନୀଶଦ ଆଦି ପ୍ରଶିଦ୍ଧ ପୁସ୍ତକମାନ, ଧର୍ମପୁସ୍ତକମାନ ଯାହାକୁ ପବିତ୍ର ମଣାଯାଉଛି ତାହା ମଧ୍ୟରୁ କୌଣସି ଗୋଟିକର ବା ସେଥିମଧ୍ୟରୁ କୌଣସି ଗୋଟିଏ ଅନୁବାଦର ପାଣ୍ଡୁଲିପି ଜାଳିଥିବାର କଣ କାହାର କାନରେ ପଡ଼ିଛି ଯେ ମୁସଲମାନମାନେ ତାହାକୁ କେବେ ଜାଳି ନଷ୍ଟ କରିଛନ୍ତି । ଆଶ୍ଚର୍ଯ୍ୟ ଲାଗୁଛି ଯେ ଏହି ହିନ୍ଦୁମାନେ କିଭଳି ବୁଝି ନେଲେ ଯେ, ମୁସଲମାନମାନେ ସେହି ପୁସ୍ତକଗୁଡ଼ିକୁ ଜାଳିଛନ୍ତି । ନ୍ୟାୟବନ୍ତ ହୋଇ ଚିନ୍ତା କର ।

***(ତସ୍‌ଦିକେ ବରାହିନେ ଅହେମଦୀୟା, ଖଣ୍ଡ-୧, ପୃ-୨୦୩-୨୦୪)***

ଏହି ଆପତିର ଉତରରେ ତସ୍‌ଦିକେ ବରାହିନେ ଅହେମଦିୟାରେ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ନୋଟ ଲେଖିଛନ୍ତି ସେ ଲେଖିଛନ୍ତି ଯେ ଯଦିଚ ସେହି ଘଟଣାର ଅନୁସନ୍ଧାନ କରାଯାଇନଥିଲା ଏବଂ ସଠିକ୍ ଘଟଣା ଦୃଷ୍ଟିଗୋଚର ହୋଇନଥିଲା ତେଣୁ ମୁସଲମାନମାନଙ୍କ ଉପରେ ଅଭିଯୋଗ ଲଗାଯାଉଛି ଯେ, ମୁସଲମାନମାନେ କାଳେ ଏଭଳି ଉମୁଳ କାଣ୍ଡ କରିଛନ୍ତି । ନ୍ୟାୟବନ୍ତ ଓ ସତ୍ୟ ପ୍ରେମୀ ତଥା ବିଦ୍ୱାନଗଣ ଖୁବ୍ କମ ରହିଛନ୍ତି ଯେ ଅଯଥାଟାରେ ମୁସଲମାନମାନଙ୍କ ଉପରେ ଭ୍ରାନ୍ତ ଅଭିଯୋଗ ଲଗାଇଛନ୍ତି । ଏହାର ଅସଲ କାରଣ ଈର୍ଷା ପରାୟଣତା ଅବା ଅଜ୍ଞାନତା । ବର୍ତମାନ ସୁଦ୍ଧା ଅଭିଯୋଗକାରୀଙ୍କ ନିକଟରେ କୌଣସି ସଠିକ ଦଲିଲ୍ ନାହିଁ କେବଳ କଥା କାହାଣୀ ପରି ଆଲୋଚନା କରୁଛନ୍ତି ଯେଉଁ ଦୁଇଜଣ ଐତିହାସିକ ଏହି ଘଟଣା ଘଟିବାର ୫୮୦ ବର୍ଷ ପରେ ଜନ୍ମଗ୍ରହଣ କରିଥିଲେ ତାଙ୍କ ନିକଟରେ ପୂର୍ବରୁ କୌଣସି ପ୍ରମାଣ ନଥିଲା । ସେଂଟ କୁରୈନ୍ ଯିଏ ସିକନ୍ଦରିୟା ଗ୍ରନ୍ଥାଳୟର ଅନୁସନ୍ଧାନ କରି ଅନେକ ପୁସ୍ତକର ରଚନା କରିଛନ୍ତି ସେ ଏହି ମନଗଢ଼ା ଘଟଣାକୁ ସମ୍ପୂର୍ଣ୍ଣ ରୂପେ ମିଥ୍ୟା ବୋଲି ଦର୍ଶାଇଛନ୍ତ । ଏହାର ପ୍ରମାଣ ମିଳୁଛି ସେହି ପୁସ୍ତକଗୁଡ଼ିକ ଜୁଲିୟସ୍ ସିଜରର ଯୁଦ୍ଧରେ ଜଳାଇ ଦିଆଯାଇଥିଲା ।

ଅତଏବ Plutarch ମଧ୍ୟ ଲାଇଫ୍ ଅଫ୍ ସିଜରରେ ଉଲ୍ଲେଖ କରିଛନ୍ତି ଯେ ଜୁଲିଅସ୍ ସିଜର୍ ଶତ୍ରୁ ହସ୍ତରେ କବଳିତ ହେବା ଭୟରେ ନିଜ ଜାହାଜଗୁଡ଼ିକୁ ଜାଳି ଦେଇଥିଲା ଏବଂ ସେହି ନିଆଁ ଜଳି ଜଳି ଏତେମାତ୍ରାରେ ବଢ଼ିଯାଇଥିଲା ଯେ ତାହା ସିକନ୍ଦରିୟାର ପ୍ରଶିଦ୍ଧ ପୁସ୍ତକାଳୟକୁ ସମ୍ପୂର୍ଣ୍ଣ ରୂପେ ଜଳାଇ ଦେଇଥିଲା ।

ହିଡ୍ରେନ୍ ନିଜ ପୁସ୍ତକ Dictionary of Dates Relating to all Ages ରେ ଏହି ଭ୍ରମାତ୍ମକ ଘଟଣାକୁ ଦରଜ କରିଛି, ସେ ନିଜ ଅନୁସନ୍ଧାନରୁ ନୋଟ୍ ଲେଖିଛି ଯେ ଏହି ଘଟଣାଟି ସନ୍ଦେହ ପୂର୍ଣ୍ଣ ହଜ୍‌ରତ୍ ଉମର୍ ର:ଅଙ୍କ କଥନ ଯେ "ଯଦି ସେହି ପୁସ୍ତକଗୁଡ଼ିକ ଇସ୍‌ଲାମ୍ ବିରୋଧି ତେବେ ଜଳାଇ ଦିଆଯିବା ଉଚିତ" କିନ୍ତୁ ମୁସଲମାନମାନେ ତାହାକୁ ସ୍ୱୀକାର କରିନଥିଲେ । ଏହି କଥନକୁ କିଛି ଲୋକେ ଥେଓଫିଲସ୍ (Theophilus) ସିକନ୍ଦରିୟାର ସହିତ ଯୋଡ଼ିଛନ୍ତି, ଯାହା ୩୯୧ ଖ୍ରୀଷ୍ଟାବ୍ଦରେ ଘଟିଥିଲା ଓ ଆଉ କେତେକ ଏହାକୁ କାଡ଼ିନେଲ୍ ଜେମିନିଜ୍ ମୁଣ୍ଡରେ ଲଦି ଦେଇଛନ୍ତି ଯେ ୧୫୦୦ ଖ୍ରୀଷ୍ଟାବ୍ଦରେ ଥିଲେ । ସେ ଆହୁରି ଲେଖିଛନ୍ତି ଯେ ଆମର ସୁପ୍ରଶିଦ୍ଧ ଯୁବ ଡ଼କ୍ଟର ଲେଟ୍‌ନର୍ ନିଜ ପୁସ୍ତକ ସିନିନୁଲ୍ ଇସ୍‌ଲାମ୍‌ରେ ଏହି ଭ୍ରମାତ୍ମକ ବର୍ଣ୍ଣନାକୁ ଅନୁସରଣ କରିଛନ୍ତି ଏବଂ ଦୁଃଖର ସହିତ କହିବାକୁ ପଡୁଛି ଯେ, ଡ଼କ୍ଟର ସାହେବଙ୍କୁ ନିଜ ଅନୁସନ୍ଧାନରେ ଏଭଳି ଭ୍ରମ ଲାଗିଛି ।

John William Draper ନିଜ ପୁସ୍ତକରେ ପ୍ରଥମେ ଏହି କଥନ ଭୁଲ ବର୍ଣ୍ଣନାରୁ ନକଲ କରିଥିଲା କିନ୍ତୁ ପରବର୍ତୀ ସମୟରେ ତାହା ମିଥ୍ୟା ବୋଲି ସ୍ୱୀକାର କରି ଉଲ୍ଲେଖ କଲେ ଯେ, ବାସ୍ତବରେ ସେହି ପୁସ୍ତକଗୁଡ଼ିକ ଜୁଲିୟସ୍ ସିଜର ଯୁଦ୍ଧରେ ଜଳିଯାଇଥିଲା ଏବଂ ଏବେ ପୂର୍ଣ୍ଣ ବିଶ୍ୱାସର ସହିତ କୁହାଯାଇପାରିବ ଯେ ଏହି ବିବୃତି ସମ୍ପୂର୍ଣ୍ଣ ଭିତିହୀନ ଓ କେବଳ କାହାଣଇ । ଯଦି କୌଣସି କଥାରେ ଦୁଃଖ ପ୍ରକାଶ କରିବା ଓ ରୋଦନ କରିବା ଉଚିତ ତେବେ ତାହା ପକ୍ଷପାତି Cardinel Jimenez ଯେତେବେଳେ ସ୍ପେନ୍‌ରୁ ମୁସଲମାନମାନଙ୍କୁ ବିତାଡ଼ିତ କରାଗଲା । ମୁସଲମାନମାନଙ୍କ ହାତରୁ ସ୍ପେନ ଛଡ଼ାଇ ନିଆଗଲା ସେତେବେଳେ ୮୦୦୦୦ ଆରବୀ ପୁସ୍ତକକୁ Granadaର ବଡ଼ ପଡ଼ିଆରେଜାଳି ଦେଇଥିଲା । ସେ ଖ୍ରୀଷ୍ଟଧର୍ମାଲମ୍ବୀ ଥିଲା ଏହା ଅସଲ ଲୁହ ଝରାଇବାର ସ୍ଥାନ ଯେ, କିଭଳି ଈର୍ଷା ପରାୟଣ ଏମାନେ ଯେ, ମୁସଲମାନମାନଙ୍କୁ ବହିସ୍କାର କରିବା ପରେ ମୁସଲମାନମାନଙ୍କୁ ତଳିତଳାନ୍ତ କରିବା ପରେ ତଥାପି ଏମାନଙ୍କର କ୍ରୋଧ ଶାନ୍ତ ହୋଇନଥିଲା ଏବଂ ସେ ମୁସଲମାନମାନଙ୍କର ୮୦୦୦୦ ପୁସ୍ତକ ଜାଳି ଦେଇଥିଲା । ଦେଖନ୍ତୁ Conflict between Religion and Science ***(ତସ୍‌ଦିକେ ବରାହିନେ ଅହେମଦୀୟା ଖଣ୍ଡ-୧, ପୃ-୨୦୩ ହାଶିୟା)*** ରେ ଏହି ପ୍ରମାଣ ଦରଜ ରହିଛି ।

ମିଶର ଜୟ କରିବା ଓ ସେଠାରେ ଶାନ୍ତି ପ୍ରତିଷ୍ଠା କରିବା ପରେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ତାହାର ପଶ୍ଚିମ ଦିଗକୁ ଅଗ୍ରସର ହୋଇଥିଲେ ଯଦ୍ୱାରା ସେଠାରୁ ବିଜୀତ ଅଂଚଳ ପ୍ରତି କୌଣସି ପ୍ରକାର ବିପତିର ଅବକାଶ ରହିବ ନାହିଁ କାରଣ ବରକା ଓ ତରାବ୍ଲିସ୍‌ରେ ରୋମ୍‌ର କିଛି ସେନା ଦୁର୍ଗରେ ଲୁଚି ରହିଥିଲେ ଏବଂ ସୁଯୋଗ ମିଳିବା ମାତ୍ରେ ସେମାନେ ଲୋକମାନଙ୍କୁ ପ୍ରବର୍ତାଇ ମୁସଲମାନମାନଙ୍କ ବିରୁଦ୍ଧରେ ଉସୁକାଇ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାକୁ ଉତ୍ସାହିତ କରୁଥିଲେ । ସିକନ୍ଦରିୟା ଓ ମରାକସ୍ ମଧ୍ୟରେ ଯେଉଁ ଅଂଚଳମାନ ରହିଥିଲା ତାହାକୁ ବର୍‌କା

କୁହାଯାଉଥିଲା । ସେହି ଅଂଚଳରେ ଅନେକ ସହର ଓ ବସ୍ତିମାନ ରହିଥିଲା ସୁତରାଂ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ୨୨ ହିଜରୀରେ ନିଜ ସେନା ନେଇ ବର୍‌କା ଚାଲିଗଲେ । ସିକନ୍ଦରିୟାରୁ ବର୍‌କା ପର୍ଯ୍ୟନ୍ତ ଯେଉଁ ରାସ୍ତା ଥିଲା ତାହା ଅତ୍ୟନ୍ତ ସବୁଜ ଶ୍ୟାମଳ ଓ ଘନ ବସ୍ତି ପୂର୍ଣ୍ଣ ଅଂଚଳ ଥିଲା । ସେଠାରେ ପହଂଚିବା ପାଇଁ ଆପଣ ଶତ୍ରୁର କୌଣସି ବିରୋଧ ପରିଲକ୍ଷିତ କରିନଥିଲେ ଏବଂ ଯେବେ ସେଠାରେ ପହଂଚିଲେ ଉକ୍ତ ଅଂଚଳ ବାସୀ ଖଜଣା ଦେବା ସର୍ତରେ ମୁସଲମାନମାନଙ୍କ ସହିତ ସନ୍ଧି କରିନେଇଥିଲେ । ତା' ପରଠାରୁ ୱ୍ରକା ବାସୀ ମିଶରର ୱ୍ୱାଲି ଅର୍ଥାତ ମୁଖିଆ ନିକଟରେ ପହଂଚି ନିଜ ନିଜର ଖଜଣା ପଇଠ କରିଯାଉଥିଲେ । ମୁସଲମାନମାନଙ୍କୁ ସେମାନଙ୍କ ନିକଟକୁ ଯିବାକୁ ପଡୁନଥିଲା । ଏମାନେ ପାଶ୍ଚାତ୍ୟ ଦେଶରେ ସବୁଠାରୁ ସରଳ ସ୍ୱଭାବି ଲୋକ ଥିଲେ ସେମାନଙ୍କ ମଧ୍ୟରେ ବିଭ୍ରାଟ ଓ ମତଭେଦ ନଥିଲା ।

ସେଠାରୁ ବାହାରି ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ତରବ୍ଲିସ୍ ଚାଲିଗଲେ ଯାହାକି ସୁଦୃଢ଼ ଓ ସୁରକ୍ଷିତ ଦୁର୍ଗ ପରିବେଷ୍ଟିତ ସହର ଥିଲା । ସେଠାରେ ରୋମୀ ସେନା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ମୁସଲମାନମାନଙ୍କର ଆଗମନର ଖବର ଶୁଣି ସେମାନେ ଦୁର୍ଗର ଦ୍ୱାର ବନ୍ଦ କରିଦେଲେ ତେଣୁ ବାଧ୍ୟ ହୋଇ ମୁସଲମାନମାନେ ଦୁର୍ଗର ଘେରାଉ କଲେ ଯାହାକି ଏକମାସ ପର୍ଯ୍ୟନ୍ତ ଜାରି ରହିଥିଲା ତଥାପି ମୁସଲମାନମାନଙ୍କୁ କୌଣସି ସଫଳତା ମିଳିନଥିଲା । ତରାବିଲସ୍‌ର ପଛପଟ ସହର ନିକଟରେ ସମୁଦ୍ର ବହିଯାଉଥିଲା ସମୁଦ୍ର ଓ ସହର ମଧ୍ୟରେ କୌଣସି କାନ୍ଥ ନଥିଲା । ମୁସଲମାନମାନେ ଏହି ଉପାୟ ପାଂଚିଲେ ଯେ, ସମୁଦ୍ର ପଟୁ ସହର ମଧ୍ୟରେ ପ୍ରବେଶ କରିବା କାରଣ ସମୁଦ୍ର ଓ ସହର ମଧ୍ୟରେ କୌଣସି ପ୍ରତିବନ୍ଧକ ନାହିଁ ଅତଏବ ଏପରି ମୁସଲମାନମାନେ ପଛପଟୁ ସହର ଭିତରେ ପ୍ରବେଶ କରିଗଲେ ଏବଂ ଉଚ୍ଚ ସ୍ୱରରେ ନାରା ଲଗାଇ ଆକ୍ରମଣ କରିଦେଲେ ଏବେ ସେମାନଙ୍କୁ ଅର୍ଥାତ ତରାବ୍ଲିସ୍‌ର ସୈନିକମାନଙ୍କୁ ଡ଼ଙ୍ଗାରେ ଯିବା ବ୍ୟତିତ ଅନ୍ୟ କୌଣସି ଉପାୟ ନଥିଲା । ସେମାନେ ଯେଉଁ କ୍ଷଣି ପଛଘୁଂଚା ଦେଇ ପଳାୟନ କରିବାକୁ ଚାହିଁଲେ, ପଛପଟୁ ଅମ୍‌ରୋ ବିନ୍ ଆସ ର:ଅ ଆକ୍ରମଣ କରିଦେଲେ ଏବଂ ଅଧିକାଂଶକୁ ନୀହତ କରିଦେଲେ ଓ କିଛି ରୋମୀ ନୌକା ମାଧ୍ୟମରେ ଖସି ପଳାଇଲେ ସହରର ଜିନିଷପତ୍ର ଓ ଧନରତ୍ନ ମୁସଲମାନମାନେ ଅଧିକାର କରିନେଲେ ।

ସେଥିଅନ୍ତେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ନିଜ ସେନାକୁ ଆଖପାଖ ଅଂଚଳରେ ବିଚ୍ଛୁରିତ କରିଦେଲେ । ତାଙ୍କର ଯୋଜନା ଥିଲା ଯେ, ପଶ୍ଚିମ ଦିଗରେ ସମ୍ପୂର୍ଣ୍ଣ ରୂପେ ବିଜୟ ଲାଭ କରି ତ୍ୟୁନସ୍ ଓ ଆଫ୍ରିକା ଆଡ଼କୁ ଅଗ୍ରସର ହୋଇ ଇସ୍‌ଲାମ୍‌ର ସାମ୍ରାଜ୍ୟକୁ ବିସ୍ତାର ଲାଭ କରିବେ । ଏହି ପ୍ରସଙ୍ଗରେ ଆପଣ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପତ୍ର ପ୍ରେରଣ କରି ପରାର୍ମଶ ଲୋଡ଼ିଲେ କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ସେନାକୁ ଆଗକୁ ବଢ଼ିବା ପ୍ରତି ସହମତି ନଥିଲେ । ବିଶେଷ କରି ହଜରତ ଉମର ର:ଅ ମୁସଲମାନମାନଙ୍କ ବିଜିତ ଅଂଚଳ ଗୁଡ଼ିକରୁ ସମ୍ପୂର୍ଣ୍ଣ ଆଶ୍ୱସ୍ତ ନଥିଲେ ତେଣୁ ଆପଣ ଇସ୍‌ଲାମୀୟ ସେନାକୁ ତରାବିଲସ୍‌ରେ ହିଁ ଅଟକି ଯିବାକୁ ନିର୍ଦ୍ଦେଶ ଦେଇଥିଲେ ।

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ଇସ୍‌ଲାମୀୟ ସାମ୍ରାଜ୍ୟର ପରିଧି ଦୂରଦୂରାନ୍ତ ଇଲାକାର ସୀମାକୁ ଛୁଇଁବାକୁ ଲାଗିଲା । ଇସ୍‌ଲାମୀୟ ସାମ୍ରାଜ୍ୟ ପୂର୍ବପ୍ରାନ୍ତରେ ଜୈହୁନ୍ ଦରିଆ ପର୍ଯ୍ୟନ୍ତ ଏବଂ ସିନ୍ଧୁ ଦରିଆଠାରୁ ଆରମ୍ଭ କରି ପଶ୍ଚିମରେ ଆଫ୍ରିକାର ମରୁଅଂଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଯାଇଥିଲା । ପୁନଶ୍ଚ ଉତରରେ ଏସିୟା କୋଚକ୍ ପର୍ବତ ପର୍ଯ୍ୟନ୍ତ ଓ ଆର୍ମେନିୟାଠାରୁ ନେଇ ଦକ୍ଷିଣରେ ଅଲ୍‌କାହେଲ୍ ସମୁଦ୍ର ତଟଠାରୁ ନୋବା ପର୍ଯ୍ୟାନ୍ତ ପରିବ୍ୟାପ୍ତ ହୋଇ ଏକ ବିଶାଳ ସାମ୍ରାଜ୍ୟ ଭାବରେ ବିଶ୍ୱ ମାନଚିତ୍ରରେ ଉଭା ହୋଇଥିଲାଏବଂ ସଭିଏଁ ଇସ୍‌ଲାମର ନ୍ୟାୟ ଓ ଦୟାପୂର୍ଣ୍ଣ ଛତ୍ରଛାୟା ତଳେ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବାରଣରେ ଜୀବନ ଅତିବାହିତ କରୁଥିଲେ । ଇସ୍‌ଲାମ୍ ଯେ ନିଜର ନିୟମ, ଉପାସନା, ସଂସ୍କୃତିର ବିରୋଧିମାନଙ୍କ ସହସ୍ର ବିରୋଧାଚରଣ ସତ୍ୱେ ସଂସାରରେ ନିଜର ପୂର୍ଣ୍ଣ କର୍ତବ୍ୟ ସମ୍ପାଦନ କରି ସେମାନଙ୍କୁ ପୂର୍ଣ୍ଣ ମର୍ଯ୍ୟାଦା ପ୍ରଦାନ କରିଥିଲା । ***(ସୟଦନା ହଜରତ ଉମର୍ ଖତାବ୍..... ପୃ-୭୬୫-୭୬୬) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୫, ପୃ-୩୫୭......ବେରୁତ)***

ଯୁଦ୍ଧ ସମୟରେ ମୁସଲମାନମାନଙ୍କର ଉପାସନାର ରଙ୍ଗ କିଭଳି ଥିଲା, ତାହାର ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି; ଯେ "ସଂସାରରେ ପ୍ରତ୍ୟେକ ବସ୍ତୁର କ୍ରମ ବିକାଶ ଘଟିଥାଏ ବଡ଼ ବଡ଼ କାର୍ଯ୍ୟ ହଠାତ୍ ହୋଇନଥାଏ ବରଂ ଧିରେ ଧିରେ ଉନ୍ନତି ଘଟିଥାଏ, ବିକାଶ ହୋଇଥାଏ । ହଜୁର ସ:ଆ:ସଙ୍କ ସମୟରେ ସମସ୍ତ ମୁସଲମାନମାନେ ତହ୍‌ଜୁଦ ପଢୁନଥିଲେ ଧିରେ ଧିରେ ସେମାନଙ୍କୁ ଅଭ୍ୟସ୍ତ କରାଯାଇଥିଲା । ସେଥିଅନ୍ତେ ପରବର୍ତୀ ସମୟରେ ହଜ୍‌ରତ୍ ଉମର୍ ର:ଅଙ୍କ ସମୟକାଳରେ ଯୁଦ୍ଧ ସମୟରେ ମୁସଲମାନମାନେ ତହ୍‌ଜୁଦ୍ ପଢୁଥିଲେ । ଏକଦା ଯେତେବେଳେ ହର୍‌କଲ୍ ସେତେବେଳେ ଏ ବିଷୟରେ ବହୁତ ତର୍କବିତର୍କ ହେଲା ଓ ଶେଷରେ ଏହି ନିଷ୍ପତି ହେଲା ଯେ ରାତିବେଳା ମୁସଲମାନମାନଙ୍କର ହତ୍ୟା କରିବା ନିରର୍ଥକ ହେବ କାରଣ ସେମାନେ ତ ବିଶ୍ରମା ହିଁ କରୁନାହାନ୍ତି ବରଂ ରାତ୍ରରେ ତହ୍‌ଜୁଦ୍ ପାଠ କରି ରାତ୍ରଯାପନ କରୁଛନ୍ତି । ଏହା ମଧ୍ୟ ଉନ୍ନତିର ଚିହ୍ନ ଓ ଏକ ଦୃଷ୍ଟାନ୍ତ ଯାହାକି ପ୍ରାରମ୍ଭରେ ନଥିଲା । ପ୍ରାରମ୍ଭରେ ହଜୁର ସ:ଆ:ସ ମୁସଲମାନମାନଙ୍କୁ ଏହି ପ୍ରସଙ୍ଗରେ ବହୁତ ଅନୁପ୍ରାଣିତ କରୁଥିଲେ କିନ୍ତୁ ପରବର୍ତୀ ସମୟରେ ଧିରେ ଧିରେ ନମାଜ ତହ୍‌ଜୁଦ୍ ପାଠ କରିବା ସେହି ଦୃବଳମାନଙ୍କର ବି ଅଭ୍ୟାସରେ ପରିବର୍ତନ ହୋଇଗଲା ।

***(ଖୁତ୍‌ବାତେ ମେହମୁଦ୍, ଖଣ୍ଡ-୧୩, ପୃ-୧୮୯)***

ଖଲିଫା ରାଶେଦାମାନଙ୍କ ସମୟ କାଳରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି; ଯେଉଁ ସ୍ଥଳେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ଅନୁମତି ପ୍ରଦାନ କରିଛି ଯେ, ଯଦି ଜଣେ ବ୍ୟକ୍ତି ତୁମର ଗୋଟିଏ ଗାଲରେ ଚାପୁଡ଼ା ମାରୁଛି ତାହା ପ୍ରତିବଦଳରେ ତୁମେ ମଧ୍ୟ ସେହିପରି ପ୍ରତିଶୋଧ ପୂର୍ବକୁ ଚାପୁଡ଼ା ମାରିପାର । ସେହି ସ୍ଥଳେ ପ୍ରଭୁ ଏହା ମଧ୍ୟ ଦର୍ଶାଇ ଦେଇଛନ୍ତି ଯେ ଯଦି ମୁକାବିଲା ପରିସ୍ଥିତି ଉପଯୋଗୀ ନୁହେଁ ଏବଂ ତୁମେ ମନେକରୁଛ ଯେ, ନୀରବ ରହିବା ସମୟ ସାପେକ୍ଷ ଓ ପରିସ୍ଥିତି ଅନୁକୂଳ ତେବେ ନୀରବ ରୁହ ଓ ଚାପୁଡ଼ାର ଉତର ଦିଅନାହିଁ । ସେହିପରି ଯେତେବେଳେ ମୁସଲମାନ ସେନା ମୁକାବିଲା ପାଇଁ ବାହାରିଲେ ସେତେବେଳେ ସେ କୈସର୍‌କୁ କହିପାରିଥାନ୍ତେ ଯେ ତୁମ ସିପାହୀମାନେ ଭୁଲ କରିଛନ୍ତି ଯଦି ତୁମ ପ୍ରଶାସକ ଆମକୁ ଏଥିପାଇଁ କ୍ଷମା ମାଗନ୍ତି ତେବେ ଆମେ କ୍ଷମା ପ୍ରଦାନ କରିଦେବୁ । ଯଦି ନ କରନ୍ତି ତେବେ ଆମେ ଯୁଦ୍ଧ କରିବୁ । ସେମାନେ କୈସରକୁ ଏହା କହିଲେନାହିଁ ଯେ, ଅମୁକ ସମୟରେ ତୁମ ସେନା ଦ୍ୱାରା ଏହି ଅନ୍ୟାୟ ହୋଇଥିଲା ଯେହେତୁ ତୁମର ଶିକ୍ଷାରେ ଅନ୍ତର୍ଭୁକ୍ତ ରହିଛି ଯେ, ଶତ୍ରୁକୁ କ୍ଷମା କରିଦେବା ତେଣୁ ଯଦି ତୁମେ କ୍ଷମାଜାଚନା କର ତେବେ ଆମେ ତୁମକୁ କ୍ଷମା କରିଦେବୁ ବରଂ ଯେତେବେଳେ ସେ ଅତ୍ୟାଚାର କଲେ ସେତେବେଳେ ମୁସଲମାନମାନେ ଯୁଦ୍ଧ କରିବାପାଇଁ ଛିଡ଼ା ହୋଇଗଲେ ଓ ମୁକାବିଲା ଜାରି ରଖିଲେ । ଯେତେବେଳେ କିସ୍‌ରାର ସିପାହୀମାନେ ଇରାକ୍‌ର ସୀମାନ୍ତବର୍ତୀ ଅଂଚଳରେ ଆକ୍ରମଣ କଲେ ସେତେବେଳେ ଯୁଦ୍ଧ ଦୃଷ୍ଟିକୋଣରୁ ସାହାବା ଓ କିସ୍‌ରା ମଧ୍ୟରେ ଯୁଦ୍ଧ ଅନିବାର୍ଯ୍ୟ ହୋଇଗଲା କିନ୍ତୁ ଚାରିତ୍ରିକ ଦୃଷ୍ଟିକୋଣରୁ ହଜ୍‌ରତ୍ ଉମର୍ ର:ଅ କିସ୍‌ରାକୁ ଏହା କହିପାରିଥାନ୍ତେ ଯେ, ଯଦିଚ ତୁମେ ଆକ୍ରମଣ କରିବାର ଆଦେଶ ଦେଇନାହିଁ କିନ୍ତୁ ତୁମ ସିପାହୀମାନେ ସ୍ୱୟମ ଏହାର ସୁତ୍ରପାତ କରିଛନ୍ତି ପ୍ରଥମେ ଗୋଡ଼ ବଢ଼ାଇଛନ୍ତି ତେଣୁ ଆମେ ଏହାକୁ ଅଣଦେଖା କରିବାକୁ ପ୍ରସ୍ତୁତ ଅଛୁ କିନ୍ତୁ ସର୍ତ ଏହି କି ଯେ, ତୁମେ ଆମଠାରୁ କ୍ଷମା ମାଗ । ନିଜର ଏହି ଅସଦାଚରଣରେ ତୁମେ ଅନୁତପ୍ତ ହୁଅ । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଏପରି କଲେନାହିଁ । ଏହିପରି ହଜରତ ଉସ୍‌ମାନ୍ ର:ଅ ନିଜ ଖିଲାଫତ କାଳରେ ମଧ୍ୟ ଶତ୍ରୁକୁ କହିଲେ ନାହିଁ ଯେ ତୁମେ ଅନ୍ୟାୟ କରିଛ କିନ୍ତୁ ଯେହେତୁ ଆମ ଶିକ୍ଷାରେ ଅନ୍ୟାୟ, ଅତ୍ୟାଚାରକୁ କ୍ଷମା ଦେବା ଅନ୍ତର୍ଭୁକ୍ତ ରହିଛି ତେଣୁ ଆମେ ତୁମକୁ କ୍ଷମା କରୁଛୁ ବରଂ ସହସା ତାହାର ପ୍ରତିଶୋଧ ସ୍ୱରୁପ ମୁକାବିଲା ପାଇଁ ଅଂଟା ଭିଡ଼ିଲେ ଏବଂ ସେନା ପ୍ରେରଣ କଲେ । ତେବେ ଏହାର କାରଣ କ'ଣ ଥିଲା ? ହଜରତ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି; ଯଦି ଆମେ ଚିନ୍ତନ କରୁ ତେବେ ଆମେ ଜାଣିପାରିବା ଯେ, ଏହାର କାରଣ ଏହା ବ୍ୟତୀତ ଆଉ କିଛି ନଥିଲା ଯେ ହଜରତ ଅବୁବକର ର:ଅ ଜାଣିଥିଲେ ଯେ ଯଦି ବି ବାହ୍ୟ ବିପଦ କମ ହୋଇଯାଇଥିଲା କିନ୍ତୁ ଆଭ୍ୟନ୍ତରୀଣ କଳହ / ବିଭ୍ରାଟ ଆରମ୍ଭ ହୋଇଯିବ । ସେହିପରି ହଜରତ ଉମର ର:ଅ, ହଜରତ ଉସ୍‌ମାନ୍ ର:ଅ ମଧ୍ୟ ଭାବୁଥିଲେ । ଏହାର କାରଣ ଏହି କି ଯେ, ସେମାନେ ଜାଣିଥିଲେ ଯେ, କେତେକ ଗୋଷ୍ଠୀ ସ୍ୱୟମ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିନଥିଲେ ବରଂ ପ୍ରଭୁ ସେମାନଙ୍କ ଦ୍ୱାରା ମୁସଲମାନମାନଙ୍କ ଉପରେ ଆକ୍ରମଣ କରାଇଥିଲେ ଯଦ୍ୱାରା ମୁସଲମାନମାନେ ଜାଗ୍ରତ ହୁଅନ୍ତୁ ସେମାନଙ୍କ ଅନ୍ତରରେ ଏକ ନୂତନ ଆତ୍ମାର ସଂଚାର ହେଉ, ସେମାନଙ୍କର ସୁଧାର ହେଉ ଏବଂ ସେମାନେ ଏଥିପ୍ରତି ଧ୍ୟାନ କେନ୍ଦ୍ରିତ କରନ୍ତୁ । ହଜ୍‌ରତ୍ ଉମର୍ ର:ଅ ଜାଣିଥିଲେ ଯେ, କିସ୍‌ରା ଆକ୍ରମଣ କରିନଥିଲା ବରଂ ପରମେଶ୍ୱର ତାହା ଦ୍ୱାରା ଆକ୍ରମଣ କରାଇଥିଲେ ଯଦ୍ୱାରା ମୁସଲମାନମାନେ ସର୍ବଦା ସଜାଗ, ସଚେତନ ଓ ହୁସିଆର ରହିବେ" ।

***(ଖୁତ୍‌ବାତେ ମେହମୁଦ୍, ଖଣ୍ଡ-୩୦, ପୃ-୧୭୫-୧୭୬)***

ହଜରତ ମୁସ୍‌ଲେହ ମଉଦ ର:ଅ ଏହି ପ୍ରସଙ୍ଗରେ ନିଜର ଗୋଟିଏ ଖୁତ୍‌ବାରେ ଜମାଅତକୁ ଉପଦେଶ ପୂର୍ବକ କହିଥିଲେ ଯେ, ସମସ୍ୟା ଓ ବିପତି ଆସିଥାଏ କାରଣ ଏହା ଦ୍ୱାରା ଆଧ୍ୟାତ୍ମିକ ଉନ୍ନତି ହେବ । ତେଣୁ ଏହି ସିଦ୍ଧାନ୍ତକୁ ଯଦି ଆଜି ବି ଆମେ ମନେରଖିବାକୁ ଚାହୁଁଥିବା ତା'ହେଲେ ମନେ ରଖନ୍ତୁ ଯେ ଏହି ବିପତି ଓ ସମସ୍ୟାଗୁଡ଼ିକ ଆମମାନଙ୍କୁ ପ୍ରଭୁଙ୍କ ନିକଟବର୍ତୀ କରିବା ଉଚିତ । କାରଣ ପରବର୍ତୀ ସମୟରେ ତାହା ହିଁ ବିଜୟର ଆଧାରଶୀଳା ପ୍ରମାଣିତ ହୋଇଥାଏ । ଯଦି ଏହି ସବୁ ଜିନିଷକୁ ଭୟ କରି ଆମେ ପଶ୍ଚାତପଦ ଦେବା ଏବଂ ନିଜର ସଂସ୍କାର ପ୍ରତି ଧ୍ୟାନ ଦେବାନାହିଁ ତେବେ ଆମର ଉନ୍ନତୀ ସମ୍ଭବ ନୁହେଁ । ଆମର ବିକାଶ ସମ୍ଭବ ନୁହେଁ । ଆଉ ଯେତେବେଳେ ଉନ୍ନତି ଲାଭ ହେବା ସହିତ ସମସ୍ୟାମାନ ମଧ୍ୟ ଦୂର ହୋଇଯିବ ସେତେବେଳେ ଆମକୁ ଅଧିକରୁ ଅଧିକ ପ୍ରଭୁଙ୍କ ଶରଣରେ ନତମସ୍ତକ ହୋଇ ନିଜର ଆଧ୍ୟାତ୍ମିକ ଉନ୍ନତି ଓ ସଂଶୋଧନ ପ୍ରତି ଧ୍ୟାନ କେନ୍ଦ୍ରିତ କରିବା ଉଚିତ । ଆଜିକାଲି ପ୍ରତ୍ୟେକ ଅହେମଦୀମାନଙ୍କୁ ଏକଥା ହୃଦୟଙ୍ଗମ କରିବା ଉଚିତ । ଅଲ୍ଲାଃ ତାଲା ଆମକୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍....

⌘⌘⌘⌘⌘⌘⌘⌘⌘⌘

## ୨୪ ସେପ୍ଟେମ୍ବର ୨୦୨୧ ପ୍ରଦତ୍ତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ

ପୁନଶ୍ଚ ହଜରତ ମୁସଲେହ ମଉଦ ର:ଅ କୁହନ୍ତି: ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ମୁସଲମାନମାନେ ଫିଲିସ୍ତିନ୍ ଜୟ କରିନେଇଥିଲେ ଯେତେବେଳେ ଆପଣ ଜେରୁଜେଲମ୍ ଗଲେ ସେଠାକାର ପାଦ୍ରୀ ପଦାକୁ ବାହାରି ଆସିଲେ ଏବଂ କହିଲେ ବର୍ତ୍ତମାନ ଆପଣ ହେଉଛନ୍ତି ଆମର ସମ୍ରାଟ । ଆପଣ ର:ଅ ମସଜିଦ ବୈତୁଲ୍ ମକଦ୍ଦସ ଯାଇ ଦୁଇ ରେକାତ ନଫିଲ୍ ନମାଜ ପାଠ କରିଥିଲେ । ଯଦ୍ୱାରା ସେମାନେ କହିଥିଲେ ଯେ ଆପଣ ମସଜିଦ୍ ଅକ୍‌ସା ଯାଇ ଦୁଇ ରେକାତ ନଫିଲ୍ ନମାଜ ପାଠ କରନ୍ତୁ ଯଦ୍ୱାରା ଆମକୁ ଆଶ୍ୱସ୍ତି ଲାଭ ହେବ ଯେ, ଆମର ପବିତ୍ର ଧର୍ମସ୍ଥଳୀ ଯାହାକି ଆପଣଙ୍କ ଦୃଷ୍ଟିରେ ମଧ୍ୟ ପବିତ୍ର ସ୍ଥାନ ସାବ୍ୟସ୍ତ ହୋଇଯିବ । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ତୁମ ମସଜିଦରେ ମୁଁ ଏଥି ସକାଶେ ନମାଜ ପାଠ କରିବିନାହିଁ କାରଣ ମୋର ପଦବୀ ହେଉଛି ଖଲିଫା ତେଣୁ ଆସନ୍ତାରେ ଏଥିଯୋଗୁଁ ମୁସଲମାନମାନେ ତାହାକୁ ତୁମଠାରୁ ଛଡ଼େଇ ନ ନିଅନ୍ତୁ ଏବଂ ଏହା କାରଣ ଦର୍ଶାଇ ଯେ, ଏହା ଆମ ପବିତ୍ର ଧର୍ମସ୍ଥଳୀ ଆମ ଖଲିଫା ଏଠାରେ ନମାଜ ପାଠ କରିଥିଲେ ଆପଣଙ୍କଠାରୁ ଛଡ଼େଇ ନ ନିଅନ୍ତୁ ଓ ସେମାନେ ଏଥିରେ ହସ୍ତକ୍ଷେପ ନ କରନ୍ତୁ । ***(ତଫ୍‌ସୀର୍ କବୀର୍ ଖଣ୍ଡ-୫, ପୃ-୫୭୩)*** ଏହି ଉଦ୍ଦେଶ୍ୟରେ ଯେପରିକି ପୂର୍ବେ ମୁଁ ଆଲୋଚନା କରିଆସିଲି ଯେ ଆପଣ ମସଜିଦ ଅକ୍ସାର ବାହାରେ ଯାଇ ନମାଜ ପାଠ କରିଥିଲେ ।

୭୦ ହିଜରୀରେ ରୋମୀମାନେ ନିଜ (କ୍ଷମତା ଫେରି ପାଇବାର ଆଶାରେ) ଗୋଟିଏ ଶେଷ ପ୍ରୟାସ କରିଥିଲେ ଓ ସେହି ପ୍ରୟାସ ଅର୍ଥାତ ଯୁଦ୍ଧ ଯୋଗୁଁ ହିଁ ମୁସଲମାନମାନେ ସମ୍ପୂର୍ଣ୍ଣ ରୂପେ ସିରିଆ ଉପରେ ବିଜୟ ପ୍ରାପ୍ତ କରିଥିଲେ । ଇସ୍‌ଲାମୀୟ ସେନାର ବିଜୟ ଅଭିଯାନ ଦିନକୁ ଦିନ ବଢ଼ି ଚାଲିଥିଲା ତେଣୁ ଇସ୍‌ଲାମୀୟ ସାମ୍ରାଜ୍ୟର ସୀମା କ୍ରମାଗତ ଭାବେ ବୃଦ୍ଧି ପାଉଥିଲା ଓ ପଡ଼ୋଶୀ ସାମ୍ରାଜ୍ୟଗୁଡ଼ିକୁ ଏ ଚିନ୍ତା ଘାରିଲା ଯେ ଦିନେ ନା ଦିନେ ଆମର ପାଳି ବି ପଡ଼ିବ । ସୁତରାଂ ୟଜଦ୍‌ୟର୍ଦ ରୈ’ ପଳାୟନ କରିବା ଯୋଗୁଁ ଇରାକ ଓ ସିରିଆର ମଧ୍ୟବର୍ତୀ ଇଲାକାରେ ବସବାସ କରୁଥିବା ଦ୍ୱୀପପୁଞ୍ଜର ଅଧିବାସୀମାନେ ସମ୍ପୂର୍ଣ୍ଣରୂପେ ନିଜର ଆତ୍ମ ବିଶ୍ୱାସ ହରାଇ ଦେଇଥିଲେ । ତେଣୁ ସେମାନେ ହିର୍‌କଲ୍‌କୁ ପତ୍ର ଲେଖିଲେ ଯେ ଯଦି ସେ ନିଜର ସେନାକୁ ସମୁଦ୍ର ପଥ ମଧ୍ୟ ଦେଇ ଆଣନ୍ତି ତେବେ ଏମାନେ ତାଙ୍କ ସହିତ ମିଳିତ ହୋଇ ମୁସଲମାନମାନଙ୍କ ମୁକାବିଲା କରିବେ । ହିରକଲ୍ ଏହି ମାମଲା ଉପରେ ଚିନ୍ତନ କରିଥିଲା ଏବଂ ଏହି ସିଦ୍ଧାନ୍ତରେ ଉପନିତ ହୋଇଥିଲା ଯେ ଏଥିରେ କୌଣସି କ୍ଷତି ନାହିଁ । ଦ୍ୱୀପପୁଞ୍ଜର ଲୋକମାନେ ପୂର୍ବବାର ହରକଲ୍ ନିକଟକୁ ପତ୍ର ଲେଖିଲେ, ଯେଉଁଥିରୁ ସେ ବୁଝିଗଲା ଯେ, ସେମାନଙ୍କ ଉଦ୍ଦେଶ୍ୟରେ କୌଣସି ଛଳନା ନାହିଁ । ସେ ଦେଖିଲା ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଇସାଇ ଆରବୀ ନିଜ ଧର୍ମ ଉପରେ ଦୃଢ଼ତାର ସହିତ ବିଦ୍ୟମାନ ଏବଂ ଏହି ମାର୍ଗରେ ସେମାନେ ନିଜ ପ୍ରାଣର ଆହୁତି ଦେବାପାଇଁ ମଧ୍ୟ ପଶ୍ଚାତପଦ ଦେବେନାହିଁ ହିର୍‌କଲ୍ ସିରିଆର ରଣକ୍ଷେତ୍ରରୁ ପ୍ରାୟ ଏକ ବର୍ଷ ହେବ ଦୁରେଇ ରହିଥିଲା ତେଣୁ ତା’ ମନରେ ଏବେ ପୂର୍ବପରି ଭୟ ନଥିଲା । ସେମାନଙ୍କର ଏହି ଦୃଢ଼ ମନୋବଳ ଦେଖି ସେ ମୁସଲମାନମାନଙ୍କ ବିରୁଦ୍ଧରେ ଯୋଜନା ପ୍ରସ୍ତୁତ କରିଥିଲା । ସେଥିଅନ୍ତେ ସେ ଏହା ମଧ୍ୟ ପରିଲକ୍ଷିତ କଲା ଯେ, ଅନେକ ସୀମାବର୍ତୀ ଅଂଚଳ ବେଶ୍ ଶକ୍ତିଶାଳୀ ହୋଇଅଛନ୍ତି ଯେ ମୁସଲମାନମାନଙ୍କ ମୁକାବିଲା ଅତି ସହଜରେ କରିପାରିବେ । ସେ ଏହା ମଧ୍ୟ ଜାଣିଥିଲା ଯେ ମୁସଲମାନମାନଙ୍କ ସମୁଦ୍ର ଓ ସମୁଦ୍ରରୁ ଆସୁଥିବା ପ୍ରତ୍ୟେକ ବସ୍ତୁକୁ ମୁସଲମାନମାନେ ଭୟ କରନ୍ତି । ଏତଦ୍‌ଦ୍ୱାରା ତାହାର ସାହାସ ମଜ୍‌ଭୁତ ହୋଇଥିଲା । ବସ୍ତୁତଃ ସେ ଦ୍ୱୀପପୁଞ୍ଜବାସୀଙ୍କ କଥା ରଖି ଜାହାଜକୁ ଆଦେଶ ଦେଲା ଯେ, ସେନା ଓ ଯୁଦ୍ଧ ସରଞ୍ଜାମ ନେଇ ସିକନ୍ଦରିୟାରୁ ଅନ୍‌ତାକିୟାରେ ପହଂଚିଯାଅ । ଜାହାଜକୁ ଆଦେଶ ଦେବା ଅର୍ଥ ତାହାର ସୈନ୍ୟବାହିନୀକୁ ଆଦେଶ ଦେଇଥିଲା ଯେ ଜାହାଜରେ ବସି ଅନ୍‌ତାକିୟାରେ ପହଂଚିଯାଅ । ହର୍‌କଲ୍‌ର ଆଦେଶ ମିଳିବା ମାତ୍ରେ ସେହି କବିଲାଗୁଡ଼ିକର ଅଧିବାସୀମାନେ ୩୦ ହଜାର ସୈନିକଙ୍କୁ ନେଇ ହିମସ୍ ଆଡ଼କୁ ଅଗ୍ରସର ହୋଇଥିଲେ ।

ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅଙ୍କୁ ଏହାର ସୁଚନା ମିଳିଲା ଯେ ହର୍‌କଲ୍ ଏଭଳି ଯୋଜାନ ପ୍ରସ୍ତୁତ କରିଛି ମୁସଲମାନମାନଙ୍କ ବିରୁଦ୍ଧରେ ସେତେବେଳେ ସେ ହଜରତ ଖାଲିଦ୍ ର:ଅଙ୍କ ସହିତ ପରାମର୍ଶ କରିବା ସକାଶେ କିନ୍‌ସିରିନ୍‌ରୁ ଡ଼କାଇ ପଠାଇଥିଲେ ଏବଂ ଉଭୟ ସେନାପତି ନିଷ୍ପତି କଲେ ଯେ ଶତୃମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ସମସ୍ତ ଇସ୍‌ଲାମୀୟ ସେନାଙ୍କୁ ସିରିଆରେ ଏକତ୍ରିତ କରାଯାଉ । ଅତଏବ ଇନ୍‌ତାକିୟା, ହମାତ୍, ହଲବ୍ ଏବଂ ନିକଟରେ ରହୁଥିବା ସମସ୍ତ ଛାଉଣୀର ସୈନିକମାନଙ୍କୁ ହିମସ୍‌ଠାରେ ଏକତ୍ରିତ କରିଦିଆଗଲା । ଏପଟେ ପୁରା ଦେଶରେ ଏ ଖବର ପ୍ରସାରିତ ହୋଇଗଲା ଯେ ହିର୍‌କଲ୍‌ର ସେନା ସମୁଦ୍ର ରାସ୍ତା ଦେଇ ମାଡ଼ି ଆସୁଅଛି ଓ ଦ୍ୱିପପୁଞ୍ଜର କବିଲାର ଅଧିବାସୀମାନେ ତାଙ୍କୁ ସାହାଯ୍ୟ କରିବାପାଇଁ ହିମସ୍ ଆଡ଼କୁ ଗଲେଣି । ଅତଏବ ଲୋକମାନେ ଏକଥା ପଚାରିବାକୁ ଲାଗିଲେ ଯେ କୈସର୍ ଓ ତା ସହଯୋଗୀ ସେନାର ଏପରି ନୂଆ ଶୈଳୀରେ ଆକ୍ରମଣକୁ କିପରି ରୋକାଯାଇପାରିବ ! ଯେତେବେଳେ ହର୍‌କଲ୍‌ର ସେନା ଜାହାଜ ଅନ୍ତାକିଆରେ ପହଂଚିଲା ସହରର ମୂଖ୍ୟ ଦ୍ୱାର ସେମାନଙ୍କ ପାଇଁ ଖୋଲି ଦିଆଯାଇଥିଲା ପ୍ରଜାମାନେ ମୁସଲମାନମାନଙ୍କ ଖିଲାଫ ହୋଇଗଲେ ଓ ବିଦ୍ରୋହ କଲେ । ସିରିୟାର ଉତରାଚଂଳ ବାସିନ୍ଦାମାନଙ୍କର ବିଦ୍ରୋହ ଦେଖି ହଜରତ ଅବୁ ଉବୈଦାଃ ର:ଅଙ୍କୁ ଅନୁଭବ ହୋଇଯାଇଥିଲା ଯେ, ହିମସ୍‌ରେ ଶତ୍ରୁମାନଙ୍କ ଦ୍ୱାରା ସେ ଘେରି ଯାଇଛନ୍ତି । ହଜରତ ଅବୁ ଉବୈଦାଃ ର:ଅ ସଙ୍ଗେ ସଙ୍ଗେ ଏହାର ସୁଚନା ହଜ୍‌ରତ୍ ଉମର୍ ର:ଅଙ୍କୁ ପ୍ରଦାନ କରିଥିଲେ ଯେଉଁଥିରେ ଉକ୍ତ ସଙ୍କଟାପନ୍ନ ପରିସ୍ଥିତିର ମୁକାବିଲା କରିବା ସକାଶେ ସାହାଯ୍ୟ ତଲବ କରାଯାଇଥିଲା । ସେଥିଅନ୍ତେ ସେ ସାହାବାମାନଙ୍କୁ ପଚାରିଲେ ଯେ, ମୁସଲମାନମାନେ ସହରରୁ ବାହାରି ଶତ୍ରୁର ମୁକାବିଲା କରିବା ଫଳପ୍ରଦ ହେବ ଅବା ମଦିନାରୁ ଆସୁଥିବା ସୈନ୍ୟ ସହାୟତାର ଅପେକ୍ଷାରେ ଦୁର୍ଗ ଭିତରେ ରହି ହିଁ ଲଢ଼ିବେ କେବଳ ଖାଲିଦ୍ ବିନ୍ ୱଲିଦ୍ ର:ଅ ହିଁ ସହରରୁ ବାହାରି ଖୋଲା ପଡ଼ିଆରେ ଶତ୍ରୁର ମୁକାବିଲା କରିବା ପାଇଁ ପରାମର୍ଶ ଦେଇଥିଲେ । ବାକି ସମସ୍ତ ପ୍ରତିନିଧିମାନେ ଓ ଅଫିସରମାନେ ଏହି ମତ ପ୍ରକାଶ କରିଥିଲେ ଯେ, ଦୁର୍ଗ ଭିତରେ ବନ୍ଦ ରହି ସୈନ୍ୟ ସହାୟତାର ଅପେକ୍ଷା କରିବା ଫଳପ୍ରଦ ହେବ । ଶେଷରେ ହଜରତ ଅବୁ ଉବୈଦାଃ ର:ଅ ଅଫିସରମାନଙ୍କ, ସେନାପତିମାନଙ୍କର ମନ୍ତବ୍ୟକୁ ହିଁ ସ୍ୱିକୃତି ପ୍ରଦାନ କରିଥିଲେ ଏବଂ ଏହା ହଜ୍‌ରତ୍ ଉମର୍ ର:ଅଙ୍କୁ ଲେଖି ଅବଗତ କରିଦେଇଥିଲେ ଯେ ଆମେ ଏଭଳି ଯୋଜନା ପ୍ରସ୍ତୁତ କରିଛୁ ।

ହଜ୍‌ରତ୍ ଉମର୍ ର:ଅ ପ୍ରଥମରୁ ହିଁ ଏହି ବିପଦଶଙ୍କୁଳ ପରିସ୍ଥିତିର ଅନୁମାନ କରିନେଇଥିଲେ, ଆପଣ ର:ଅ ନିଜ ଦୂରଦର୍ଶିତା ବସତଃ ପୂର୍ବରୁ କୁଫା ଓ ବସ୍‌ରାରେ ସୈନ୍ୟ ଛାଉଣୀ ସ୍ଥାପନ କରିଦେଇଥିଲେ । ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅଙ୍କର ଏହି ସୁଚନା ହଜରତ ଉମର୍ ର:ଅଙ୍କୁ ମିଳିଲା ସେତେବେଳେ ଆପଣ ଆକଳନ କରିନେଇଥିଲେ ଯେ, ମୁସଲମାନମାନଙ୍କର ଶ୍ରେଷ୍ଠ ସେନାଧ୍ୟକ୍ଷ ବହୁତ ବଡ଼ ବିପଦ ମୁହାଣରେ ପଡ଼ିଯାଇଛି । ଅତଏବ ଆପଣ ଆଉ କାଳ ବିଳମ୍ବ ନ କରି ହଜରତ ସାଦ୍ ବିନ୍ ୱକାସ୍‌ଙ୍କୁ ପତ୍ର ଲେଖିଲେ ଯେ କାଆକା ବିନ୍ ଉମରୋଙ୍କୁ ହିମସ୍ ଅଭିମୁଖେ ପ୍ରେରଣ କରିଦିଅନ୍ତୁ କାରଣ ହଜରତ ଅବୁ ଉବୈଦାଃ ର:ଅ ସେହି ସ୍ଥଳେ ଆବଦ୍ଧ ହୋଇ ରହିଛନ୍ତି ଅର୍ଥାତ ଶତ୍ରୁ ତାଙ୍କୁ ଘେରି ଯାଇଛନ୍ତି । ହଜରତ ସାଦ୍ ବିନ୍ ୱକାସ୍ ର:ଅ ସେହି ଦିନ ଅମୀରୁଲ୍ ମୁମିନିନ୍‌ଙ୍କ ଆଦେଶ ପାଳନ କରି ହଜରତ କାଆକାଙ୍କ ନେତୃତ୍ୱରେ ଚାରି ହଜାର ପ୍ରବୀଣ ବୀର ଯୋଦ୍ଧାଙ୍କୁ ପ୍ରେରଣ କରିଦେଲେ ଅର୍ଥାତ କୁଫାରୁ ହିମସ୍ ଆଡ଼କୁ ଅଗ୍ରସର ହେବାପାଇଁ ଆଦେଶ ଦେଇଦେଇଥିଲେ । ପରିସ୍ଥିତି ଏଭଳି ଜଟିଳ ଥିଲା ଯେ କାଆକାଙ୍କର ମାତ୍ର ଚାରି ହଜାର ସୈନ୍ୟ ସହାୟତା ମୁସଲମାନମାନଙ୍କ ପାଇଁ ଯଥେଷ୍ଟ ନଥିଲା କାରଣ ଦ୍ୱୀପପୂଞ୍ଜରୁ ରୁ ହିମସ୍ ଆଗମନକାରୀ ଶତ୍ରୁଙ୍କ ସଂଖ୍ୟା ୩୦ ହଜାର ଥିଲା ଏବଂ ସେମାନଙ୍କ ବାକି ସୈନିକଙ୍କ ସଂଖ୍ୟା ଏଥି ବ୍ୟତିରକେ ଥିଲା ଯାହାଙ୍କୁ ହର୍‌କଲ୍ ସମୁଦ୍ର ପଥ ମଧ୍ୟ ଦେଇ ଅନ୍‌ତାକିୟା ପ୍ରେରଣ କରିଥିଲା ।

ହଜ୍‌ରତ୍ ଉମର୍ ର:ଅଙ୍କୁ ଜ୍ଞାତ ଥିଲା ଯେ, ଶତ୍ରୁ ସିରିୟାର ପ୍ରତ୍ୟେକ ସହରରୁ ଲୋକମାନଙ୍କୁ ଏକତ୍ରିତ କରୁଅଛି । ଯଦି ସେହି ସହରଗୁଡ଼ିକୁ ଏମିତି ଅବସ୍ଥାରେ ଛାଡ଼ି ଦେଇ ମୁସଲମାନମାନେ ହିମସ୍ ଚାଲିଯାଆନ୍ତି ତେବେ ସିରିୟାର ବ୍ୟବସ୍ଥା ନଷ୍ଟଭ୍ରଷ୍ଟ ହୋଇଯିବ । ମୁସଲମାନମାନଙ୍କର କ୍ଷମତା ବାକି ରହିବନାହିଁ । ତେଣୁ ସେ କାଆକାଙ୍କୁ କୁଫା ଚାଲିଯିବାକୁ ନିର୍ଦ୍ଦେଶ ଦେବା ପରେ ଅଧିକ ଉପଦେଶ ପ୍ରେରଣ କରିଥିଲେ । ଦ୍ୱୀପପୂଞ୍ଜ ଅଂଚଳରୁ ହିମସ୍ ଆସୁଥିବା ଲୋକମାନେ ଏହି ସତସାହାସ ଏଥିଯୋଗୁଁ ଜୁଟାଇ ପାରିଥିଲେ । କାରଣ ସେମାନେ ଏକଥା ଜାଣିଥିଲେ ଯେ ସେମାନଙ୍କ ବସ୍ତି ସମୂହ ଇସଲାମିୟ ଆକ୍ରମଣରୁ ଦୂରରେ ରହିଥିଲା । ତେଣୁ ଯଦି ସେମାନଙ୍କୁ ମୁସଲମାନମାନଙ୍କ ପରାକାଷ୍ଠାର ନମୁନା ପ୍ରଦର୍ଶିତ କରିଦିଆଯାଏ ତେବେ ସେମାନେ ଆପଣାଛାଏଁ ନିଜ ନିଜ ବସ୍ତିକୁ ଫେରିଯିବେ । ହଜରତ ଅବୁ ଉବୈଦାଃ ର:ଅ ଓ ତାଙ୍କ ସେନା ଉପରେ ଯେଉଁ ମାନସିକ ଚାପ ବଢ଼ିଚାଲିଥିଲା ତାହା ଏତଦ୍‌ଦ୍ୱାରା ହାଲୁକା ହୋଇଗଲା । ହଜ୍‌ରତ୍ ଉମର୍ ର:ଅ ସାଦ୍ ବିନ୍ ଅବି ୱକାସ୍‌ଙ୍କୁ ପତ୍ର ଲେଖିଲେ ଯେ, ସୁହୈଲ୍ ବିନ୍ ଅଦିଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ଦ୍ୱୀପପୂଞ୍ଜର ସହର ରକା ପ୍ରେରଣ କରିଦିଅ କାରଣ ଦ୍ୱୀପପୂଞ୍ଜ ଅଂଚଳରେ ଲୋକେ ରୋମୀମାନଙ୍କୁ ହିମସ୍ ଉପରେ ଆକ୍ରମଣ କରିବାକୁ ପ୍ରବର୍ତାଉଛନ୍ତି ଏବଂ ଏହା ପୂର୍ବରୁ କର୍‌କିସିୟାର ଅଧିବାସୀମାନେ ଏହିପରି ଆଚରଣ କରିସାରିଛନ୍ତି । ତେଣୁ ଆଉ ଏକ ସୈନ୍ୟଦଳ ଅବ୍‌ଦୁଲ୍ଲା ବିନ୍ ଉତ୍‌ବାଙ୍କ ନେତୃତ୍ୱରେ ନସିବେନ୍ ଉପରେ ଚଢ଼ାଉ କରିବାକୁ ପ୍ରେରଣ କରିଦିଅ କାରଣ କର୍କେସିୟା ବାସୀ ମଧ୍ୟ ଶତ୍ରୁକୁ ଏପରି କରିବାକୁ ଉକୁସାଇଥିଲେ । ପୁନଶ୍ଚ ହରାନ୍ ଯାହା ଦ୍ୱୀପପୂଞ୍ଜର ମୂଖ୍ୟ କେନ୍ଦ୍ରବିନ୍ଦୁ ଥିଲା । ପୁଣି ରୁହାଠାକୁ ଯାଇ ସେଠାରୁ ଶତ୍ରୁକୁ ବିତାଡ଼ିତ କର ଅର୍ଥାତ ହରାନ୍ ଓ ରୁହା ଯାଇ ସେଠାରୁ ଶତ୍ରୁକୁ ବିତାଡ଼ିତ କର । ଆଉ ଏକ ତୃତୀୟ ଦଳ ୱଲିଦ୍ ବିନ୍ ଉକୁବାଙ୍କ ନେତୃତ୍ୱରେ ଦ୍ୱୀପପୂଞ୍ଜର ଇସାଇ ଆରବ ଗୋଷ୍ଠୀ ରବିୟା ଓ ତନୁଖ୍ ଆଡ଼କୁ ପ୍ରେରଣ କରିଦିଅ ଏବଂ ଅୟାଜ୍ ବିନ୍ ଗନମ୍‌ଙ୍କୁ ମଧ୍ୟ ସେଠାକୁ ପ୍ରେରଣ କର । ଯଦି ଯୁଦ୍ଧ ହୁଏ ତେବେ ଇସ୍‌ଲାମୀୟ ସେନାର ଦ୍ୱିତୀୟ ସେନାଧ୍ୟକ୍ଷ ଅୟାଜ୍ ବିନ୍ ଗନମ୍‌ଙ୍କ ଅଧ୍ୟକ୍ଷତାରେ ହେବ । ଅତଏବ ଯେତେବେଳେ ସେ ସମସ୍ତ ସେନାପତି ବାହାରି ଗଲେ ସେତେବେଳେ ଦ୍ୱୀପପୂଞ୍ଜର ଅଧିବାସୀ ହିମସ୍‌ର ଘେରାଉ ଉଠାଇନେବେ ଓ ନିଜ ନିଜ ଅଂଚଳକୁ

ଫେରିଗଲେ । ଏହା ହଜ୍‌ରତ୍ ଉମର୍ ର:ଅଙ୍କ ରଣନୀତି ଥିଲା ବୁଦ୍ଧିମତା ଥିଲା କି ଗୋଟିଏ ସ୍ଥଳେ ସେନାକୁ ଏକାଠି ହୋଇ ବିଭିନ୍ନ ଅଂଚଳରୁ ଅର୍ଥାତ ଦ୍ଵୀପପୁଞ୍ଜ ଅଂଚଳରୁ ଆସୁଥିବା ଶତ୍ରୁମାନଙ୍କ ନିକଟକୁ ପ୍ରେରଣ କରିଦେଲେ ଫଳତଃ ଯେତେବେଳେ ସେମାନେ ଦେଖିଲେ ଯେ, ମୁସଲମାନମାନେ ଆମ ଅଂଚଳ ଆଡ଼କୁ ଅଗ୍ରସର ହେଉଛନ୍ତି ଆମ ସହରରେ ପ୍ରବେଶ କରୁଛନ୍ତି ସେତେବେଳେ ସେମାନେ ମୁକାବିଲା କରିବା ପରିବର୍ତେ ନିଜ ନିଜ ଅଂଚଳକୁ ଚାଲି ଯାଇଥିଲେ ଏପରି ହଜ୍‌ରତ୍ ଉମର୍ ର:ଅଙ୍କର ଏହି ରଣନିତୀ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା । କେବଳ ଏତିକିରେ ହିଁ ହଜ୍‌ରତ୍ ଉମର୍ ର:ଅ ସନ୍ତୁଷ୍ଟ ହୋଇନଥିଲେ ବରଂ ଆପଣଙ୍କର ପାରଦର୍ଶିତା ଏହା ଆକଳନ କରିନେଇଥିଲା ଯେ ବାରମ୍ବାର ପରାସ୍ତ ହେବା ସତ୍ୱେ ହର୍‌କଲ୍ ସମୁଦ୍ର ପଥ ଦେଇ ସେନା ପ୍ରେରଣ କରୁଅଛି ତାହାକୁ ନିଜ ଶକ୍ତି ଉପରେ ଅତ୍ୟନ୍ତ ଗର୍ବ ଓ ଅଂହଙ୍କାର ରହିଛି ଏବଂ ସେ ବିଶ୍ଵାସ ପୋଷଣ କରୁଛି ଯେ ସେ ଏକାକି ମୁସଲମାନମାନଙ୍କ ମୁକାବିଲାର ସାମର୍ଥ୍ୟ ରଖୁଛି । ଏହା ଚିନ୍ତା କରିବାର ସବୁଠାରୁ ବଡ଼ ପ୍ରମାଣ ଏହା ଥିଲା ଯେ, ସିକନ୍ଦରିୟାରୁ ଜାହାଜରେ ଆସୁଥିବା ସେନାବାହିନୀର ସେନାଧ୍ୟକ୍ଷ ରୂପେ ସେ ନିଜ ପୁତ୍ର କୁସ୍ତନ ତୈନ୍‌ଙ୍କୁ ମୃତୟନ କରିଥିଲା ।

ହଜ୍‌ରତ୍ ଉମର୍ ର:ଅଙ୍କ ନିର୍ଦ୍ଦେଶ କ୍ରମେ କାଆକା ବିନ୍ ଅମ୍‌ରୋ ନିଜ ସାଥିରେ ୪ ହଜାର ଅଶ୍ଵାରୋହୀଙ୍କୁ ନେଇ ହିମସ୍ ଅଭିମୁଖେ ବାହାରି ପଡ଼ିଥିଲେ । ସୁହେଲ୍ ବିନ୍ ଅଦି, ଅବ୍‌ଦୁଲ୍ଲାଃ ବିନ୍ ଉତ୍‌ବାନ୍, ୱଲିଦ୍ ବିନ୍ ଉକ୍‌ବା ଓ ଅୟାଜ ବିନ୍ ଗନମ୍ ଦ୍ଵୀପପୁଞ୍ଜ ଅଂଚଳରେ ଉତର ଦିଗକୁ ଚାଲି ଯାଇଥିଲେ ଓ ସେମାନଙ୍କ ବିଭିନ୍ନ ସହରକୁ ଚାଲି ଯାଇଥିଲେ । ଯେପରି କି ପୂର୍ବେ ମୁଁ ଆଲୋଚନା କରି ଆସିଲି । ଏମାନଙ୍କର ଦ୍ଵୀପପୁଞ୍ଜ ଅଂଚଳରେ ପ୍ରବେଶ କରିବା ଫଳରେ ସେହି ଅଂଚଳରୁ ଯେଉଁ ଲୋକମାନେ ହର୍‌କଲ୍‌ର କଥାରେ ମୁସଲମାନମାନଙ୍କ ମୁକାବିଲା କରିବାପାଇଁ ଆସିଥିଲେ ସେମାନେ ପୂନଃ ନିଜ ଅଂଚଳକୁ ଫେରି ଆସିଥିଲେ । ହଜ୍‌ରତ୍ ଉମର୍ ର:ଅ ହିମସ୍ ନିମନ୍ତେ ମଦିନାକୁ ଛାଡ଼ି ଜାବିୟାରେ ଅବସ୍ଥାନ କଲେ, ଦ୍ଵୀପପୁଞ୍ଜର ଅଧିବାସୀ ହିମସ୍‌ର ଘେରାଉ କରିବାରେ ରୋମୀମାନଙ୍କ ସାହାଯ୍ୟ କରିଥିଲେ । ଯେତେବେଳେ ସେମାନଙ୍କୁ ଇରାକରୁ ଇସ୍‌ଲାମୀୟ ସେନାଙ୍କ ଆଗମନର ସୁଚନା ମିଳିଲା କିନ୍ତୁ ସେମାନେ ଜାଣିନଥିଲେ ଯେ, ଇସ୍‌ଲାମୀ ସେନା ସେମାନଙ୍କ ଉପରେ ଆକ୍ରମଣ କରିବା ଅବା ହିମସ୍ ଉପରେ ଆକ୍ରମଣ କରିବା ସେଥିସକାଶେ ସେମାନେ ନିଜ ଭାଇମାନଙ୍କୁ ନିରାପତା ଦେବାକୁ ପ୍ରଯତ୍ନ କରିଥିଲେ ଏବଂ ରୋମୀମାନଙ୍କୁ ସାହାଯ୍ୟ କରିବାରୁ ହାତ ଟାଣି ନେଇଥିଲେ ଅର୍ଥାତ ରୋମୀମାନଙ୍କୁ ସାହାଯ୍ୟ କରିନଥିଲେ ।

ଏକଦା ହଜରତ ଅବୁ ଉବୈଦାଃ ର:ଅ ନିଦରୁ ଜାଗ୍ରତ ହେବା ପରେ ଏହି ଖବର ପାଇଲେ ଯେ, ଦ୍ଵୀପପୁଞ୍ଜର ଅଧିବାସୀମାନେ ନିଜ ନିଜ ଅଂଚଳକୁ ଫେରିଯାଇଛନ୍ତି ଓ ତାଙ୍କ ସହିତ ଯୁଦ୍ଧ କରିବା ପାଇଁ କେବଳ ହିରକଲ୍‌ର ସେନା ବାକି ଅଛନ୍ତି । ବର୍ତମାନ ମୁସଲମାନମାନେ କେବଳ ହର୍‌କଲ୍‌ର ସେନାର ମୁକାବିଲା କରିବେ । ସେ ନିଜ ବୀର ସେନାପତି ମାନଙ୍କୁ ଅର୍ଥାତ ହଜରତ ଅବୁ ଉବୈଦାଃ ର:ଅ ନିଜ ବୀର ସେନାପତିମାନଙ୍କୁ ଡ଼କାଇ କହିଲେ ବର୍ତମାନ ରୋମୀମାନଙ୍କ ମୁକାବିଲା ପାଇଁ ରଣକ୍ଷେତ୍ରରେ ଓହ୍ଲାଇ ପଡ଼ । ଏହା ଶୁଣି ହଜରତ ଖାଲିଦ୍ ଅତ୍ୟନ୍ତ ପ୍ରସନ୍ନିତ ହୋଇଥିଲେ ଓ କହିଲେ ଯେ ରୋମୀମାନେ ଅନ୍ୟ କିଛି ଉପାୟ ଅବଲମ୍ବନ କରିବା ପୂର୍ବରୁ ସେମାନଙ୍କ ଉପରେ ଆକ୍ରମଣ କରିଦେବା ଉଚିତ । ସୁତରାଂ ହଜରତ ଅବୁ ଉବୈଦାଃ ର:ଅ ମୁସଲମାନମାନଙ୍କୁ ଏକାଠି କରି ବହୁତ ଆବେଗ ପୂର୍ଣ୍ଣ ଉପଦେଶ ଦେଇ କହିଲେ, ଆଜି ଯେ କେହି ନିଜ ସ୍ଥାନରେ ଅଟଳ ଓ ଅବିଚଳ ରହିବ ସେ ଧନସମ୍ପତି ଓ ପ୍ରାର୍ଚୁଜ୍ୟ ଲଭିବ ଓ ଯଦି କିଏ ମୃତ୍ୟୁବରଣ କରେ ସେ ଶହୀଦ ହେବାର ଅମୁଲ୍ୟ ସମ୍ପଦ ଲାଭ କରିବ । ମୁଁ ସାକ୍ଷ୍ୟ ଦେଉଅଛି ଯେ, ହଜୁର ସ:ଆ:ସ କହିଛନ୍ତି, ଯେ କେହି ଏପରି ଅବସ୍ଥାରେ ମୃତ୍ୟୁବରଣ କରେ ସେ ବୈକୁଣ୍ଠର ଅଧିକାରୀ ହେବ । ଇସ୍‌ଲାମୀୟ ସେନା ପୂର୍ବରୁ ଯୁଦ୍ଧ ପାଇଁ ବ୍ୟାକୁଳ ଥିଲା ଅତଏବ ହଜରତ ଅବୁ ଉବୈଦାଃ ର:ଅଙ୍କର ଏହି ଅଭିଭାଷଣ ଶୁଣିବା ପରେ ଆହୁରି ଉତେଜିତ ହୋଇ ଉଠିଲା । ବସ୍ତୁତଃ ସେମାନେ ନିମିଷକେ ନିଜ ନିଜର ଅସ୍ତ୍ରଶସ୍ତ୍ର ଧରି ରଣକ୍ଷେତ୍ରରେ ଓହ୍ଲାଇ ପଡ଼ିଲେ । ହଜରତ ଅବୁ ଉବୈଦାଃ ର:ଅ ସେନାର ମଧ୍ୟଭାଗରେ ରହିଥିଲେ, ହଜରତ ଖାଲିଦ୍ ମେମ୍‌ନାରେ ଅର୍ଥାତ ସେନାର ଡ଼ାହାଣପାର୍ଶ୍ଵରେ ଓ ହଜରତ ଅବାସ୍ ମେସ୍‌ରା ଦଳର ସେନାପତି ଭାବରେ ଆଗକୁ ଅଗ୍ରସର ହୋଇଥିଲେ । ଯୁଦ୍ଧ ଆରମ୍ଭ ହେବାର କିଛି କ୍ଷଣରେ ହିଁ ରୋମୀମାନଙ୍କର ପାଦ ଖସି ଯାଇଥିଲା ଫଳତଃ ସେମାନେ ପରାସ୍ତ ବରଣ କରିଥିଲେ । ଯେତେବେଳେ କାଆକା ବିନ୍ ଉମ୍‌ରୋ ର:ଅ କୁଫାର ସେନା ସହିତ ହିମସ୍ ପହଂଚିଲେ ସେତେବେଳକୁ ଯୁଦ୍ଧ ସମାପ୍ତ ହେବାକୁ ତିନିଦିନ ବିତିଯାଇଥିଲା । ଦ୍ଵିତୀୟ ଦିନ ହଜ୍‌ରତ୍ ଉମର୍ ର:ଅ ସିରିୟା ମାର୍ଗ ଦେଇ ଜାବିୟାରେ ପଂହଚିଥିଲେ ଯେ ହଜରତ ଅବୁ ଉବୈଦାଃ ର:ଅ ସନ୍ଦେଶ ବାହକ ମିଳିଲା ଏବଂ କହିଲା କାଆକାଙ୍କ ସେନା ହିମସ୍ ପହଂଚିବାର ତିନିଦିନ ପୂର୍ବରୁ ହିଁ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ରୋମୀମାନଙ୍କ ଉପରେ ବିଜୟ ମଣ୍ଡିତ କରିଦେଇଥିଲେ । ତେଣୁ ହଜରତ କାଅକାଆ ର:ଅଙ୍କୁ ମାଲେ ଗନିମତ୍‌ରୁ ଭାଗ ଦିଆଯିବ କି ନାହିଁ? ଏ ଖବର ଶୁଣି ହଜରତ ଉମର ର:ଅ ସନ୍ତୁଷ୍ଟ ହେଲେ ଓ ଏ ସୁସମାଚାର ଶୁଣି ଆଉ ଆଗକୁ ଯାତ୍ରା ଜାରି ରଖିବା ପାଇଁ ଆବଶ୍ୟକ ମନେ କଲେନାହିଁ । ସୁତରାଂ ସେହିଠାରୁ ହିଁ ଅବୁ ଉବୈଦାଃଙ୍କୁ ଚିଠି ଲେଖିଲେ ଯେ, କାଆକା ଓ ତାଙ୍କ ସେନାକୁ ମାଲେ ଗନିମତ୍‌ରୁ ଭାଗ ଦିଆଯାଉ । ହଜ୍‌ରତ୍ ଉମର୍ ର:ଅ ଏ ଆଦେଶ ଦେଇଥିଲେ କାରଣ ସେମାନଙ୍କର ଅର୍ଥାତ କାଆକାଙ୍କ ସୈନିକ ସାଥିମାନଙ୍କ ଆଗମନର ଖବର ଶୁଣି ଶତ୍ରୁ ଭୟଭୀତ ହୋଇଯାଇଥିଲା ଯେଉଁଥିପାଇଁ ସେମାନେ ପରାସ୍ତ ବରଣ କଲେ । ପ୍ରଭୁ କୁଫା ବାସୀଙ୍କୁ ଏହାର ସୁଫଳ ପ୍ରଦାନ କରନ୍ତୁ ସେମାନଙ୍କୁ ସୁରକ୍ଷିତ ରଖନ୍ତୁ ଏହି ଦୁଆ ହଜ୍‌ରତ୍ ଉମର୍ ର:ଅ କରିଥିଲେ କାରଣ କୁଫାବାସୀ ନିଜ ଇଲାକାକୁ ସୁରକ୍ଷା ଦେବା ସହିତ ଅନ୍ୟ ସହରର ଅଧିବାସୀମାନଙ୍କୁ ସାହାଯ୍ୟ କରୁଛନ୍ତି । ତା'ପରେ ହଜରତ ଉମର ର:ଅ ମଦିନା ଲେଉଟି ଆସିଲେ । ଏହି ଯୁଦ୍ଧର ପରିଣାମକୁ ଦେଖି କୈସ୍‌ର ଏଭଳି ଦୁଃଖିତ ଓ ଅନୁତପ୍ତ ହେଲା ଯେ ଭବିଷ୍ୟତରେ କଦାପି ସିରିୟା ଆଡ଼କୁ ଆଉ ଚାହିଁ ଦେଖିଲା ନାହିଁ । ଅପରପାର୍ଶ୍ଵରେ ବିଦ୍ରୋହ କରିଥିବା ଲୋକମାନେ ଯେତେବେଳେ ରୋମୀମାନଙ୍କ ପରାସ୍ତ ଖବର ଶୁଣିଲେ ସେତେବେଳେ ସେମାନେ ପଳାୟନ କରିଥିଲେ ଏବଂ ସେମାନେ ନିଜର ମୃତ୍ୟୁ ସ୍ଵୟମ ମରିଯାଇଥିଲେ । ହଜ୍‌ରତ୍ ଉମର୍ ର:ଅ ସିରିୟା ମାର୍ଗରେ ଜାବିୟାଠାରେ ପହଂଚିଥିଲେ ଯେ, ଆପଣଙ୍କୁ ଏହି ବିଜୟର ସୁସମାଚାର ମିଳିଥିଲା ସେହିଠାରୁ ହିଁ ଆପଣ ମଦିନା ଅଭିମୁଖେ ପ୍ରସ୍ଥାନ କରିଯାଇଥିଲେ । ଏହି ବିଜୟର ୩ ବର୍ଷ ପରେ ଅର୍ଥାତ ୨୦ ହିଜ୍‌ରୀରେ ଅର୍ଥାତ ୬୪୧ ମସିହାରେ ହର୍‌କଲ୍‌ର ମୃତ୍ୟୁବରଣ ହୋଇଥିଲା । ***(ସୟଦନା ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୩୮୪-୩୯୦, ୫୯୦.... କୁତୁବ୍ ଖାନା ଲାହୋର୍) (ଅଲ୍‌ଫାରୁକ୍....... ପୃ-୧୩୪-୧୩୬..... କରାଚି ୧୯୯୧)***

ଆଗକୁ ହଜ୍‌ରତ୍ ଉମର୍ ର:ଅଙ୍କର ଏହି ଆଲୋଚ୍ୟ ଜୀବନୀଟି ଅଭ୍ୟାହତ ରହିବ ସେଥିଅନ୍ତେ ବର୍ତମାନ ମୁଁ କିଛି ମୃତକଙ୍କର ଚରିତ୍ର ଚର୍ଚ୍ଚା କରିବି ଏବଂ ନମାଜ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ଗାଏବ ମଧ୍ୟ ପାଠ କରାଇବି । ପ୍ରଥମ ଯନାଜାଃ ହେଉଛି ଶ୍ରୀମାନ୍ ଚୌଧୁରୀ ସଇଦ୍ ଅହମଦ୍ ଲଖନ୍ ସାହେବ ଅବସର ପ୍ରାପ୍ତ ଷ୍ଟେସନ ମାଷ୍ଟରଙ୍କର ଯିଏ ଆଜିକାଲି କାନେଡ଼ାରେ ରହୁଥିଲେ । ସେ ୮୬ ବର୍ଷ ବୟସରେ ଇହଧାମ ତ୍ୟାଗ କଲେ । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।***

ଆପଣ ମସିହ୍ ମଉଦ ଆ:ସଙ୍କ ସାହାବି ହଜରତ ଚୌଧୁରୀ ସିକନ୍ଦର ଅଲୀ ସାହେବ ଓ ହଜରତ ଗୁଜର ବିବି ସାହିବାଙ୍କର ନାତୀ ଥିଲେ । ହଜରତ ଚୌଧୁରୀ ସିକନ୍ଦର ଅଲୀ ର:ଅ ସାହେବ୍ ୩୦ ମାର୍ଚ୍ଚ ୧୯୦୨ ମସିହାରେ ହଜରତ ମସିହ ମଉଦ୍ ଆ:ସଙ୍କ ହସ୍ତରେ ବୟତ କରିଥିଲେ । ୧୯୦୪ରୁ ୧୯୨୮ ମସିହା ପର୍ଯ୍ୟନ୍ତ ମଦ୍‌ରସା ତାଲିମୁଲ୍ ଇସ୍‌ଲାମ୍‌ରେ ଶିକ୍ଷକତା କରି ନିଜର କର୍ତବ୍ୟ ସମ୍ପାଦନ କରିଥିଲେ । ଚୌଧୁରୀ ସିକନ୍ଦର ଅଲୀ ର:ଅ ସେହି ପ୍ରାରମ୍ଭିକ ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ହଜରତ ମସିହ ମଉଦ ଆ:ସ ସ୍ଵୟମ ମଦରସା ତାଲିମୁଲ୍ ଇସ୍‌ଲାମ୍‌ରେ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ । ତାଙ୍କ ନାତୀ ଚୌଧୁରୀ ସଇଦ୍ ସାହେବ ପ୍ରଭୁଙ୍କ କୃପାରୁ ଧାର୍ମିକ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଅଲ୍ଲାଃଙ୍କ ଦୟାରୁ ସେ ଜଣେ ମୁସି ବ୍ୟକ୍ତି ଥିଲେ । ନିଜ ପଛରେ ପତ୍ନୀଙ୍କ ବ୍ୟତିତ ଛଅ ଜଣ ପୁତ୍ର ଓ ତିନିଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ତାଙ୍କର ସମସ୍ତ ସନ୍ତାନ ତାଙ୍କ ଉତମ ସଂସ୍କାର ଦ୍ଵାରା କୌଣସି ନା କୌଣସି ପ୍ରକାରରେ ଯମାତ୍‌ର ସେବା ସମ୍ପାଦନ କରୁଛନ୍ତି । ଆପଣଙ୍କର ଜଣେ ପୁତ୍ର ଶ୍ରୀମାନ ଫହିମ ଅହମଦ ଲଖନ୍ ସାହେବ ମୁବଲ୍ଲିଗ୍ ଭାବରେ କେନିଆରେ ଯମାତ୍‌ର ସେବା ସମ୍ପାଦନ କରୁଛନ୍ତି । କର୍ମକ୍ଷେତ୍ରରେ ଥିବା ଯୋଗୁଁ ସେ ନିଜ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରୀୟାରେ ସାମିଲ ହୋଇପାରିଲେ ନାହିଁ । ଅଲ୍ଲାଃ ତାଲା ତାଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଓ ମୃତକଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ ।

ମୃତକ ଧର୍ମ ପ୍ରତି ବିଶେଷ ସ୍ଵାଭିମାନ ରଖୁଥିଲେ । ଶିକ୍ଷା ହାସଲ କରିବା ସମୟରେ ୧୯୫୩ ମସିହାରେ ସମନ୍ଦରୀ ସହରର ହାଇସ୍କୁଲ୍‌ରେ ଅନୁଷ୍ଠିତ ମଜ୍‌ଲିସେ ଏହରାର୍‌ର ଜଲ୍‌ସାରେ ଅନ୍ୟ ଅଣଅହେମଦୀ ଛାତ୍ରଙ୍କ ସହିତ ସେ ଉପସ୍ଥିତ ଥିଲେ । ଯେତେବେଳେ ଅତାଉଲ୍ଲାଃ ସାହା ବୁଖାରୀ ହଜରତ ମସିହ ମଉଦ୍ ଆ:ସଙ୍କ ଉପରେ ଅସଭ୍ୟ ଓ ଆପତିଜନକ କଥା କହିଥିଲା ସେତେବେଳେ ସେ ସଙ୍ଗେ ସଙ୍ଗେ ଛିଡ଼ା ହୋଇ ତାଙ୍କ ବକ୍ତୃତା ମଝିରେ ତାଙ୍କୁ ରୋକି ଦେଇଥିଲେ ଯେ ତୁମେ ମିଛ କହୁଛ ଏବଂ ହଜରତ ମସିହ ମଉଦ ଆ:ସଙ୍କ ପ୍ରସଙ୍ଗରେ ଯାହା କିଛି କହୁଅଛ ଏ ସବୁ ମିଥ୍ୟା ବଚନ । ଏପରି ସେ ଅତାଉଲ୍ଲାଃ ଶହ୍ ବୁଖାରୀକୁ ଚୁପ୍ କରିଦେଇଥିଲେ । ତା'ପରେ ମୌଲବୀ ଅତଉଲ୍ଲାଃ ସାହ୍ ବୁଖାରୀ କହିଲା ଏହି ମିର୍ଜାଇକୁ ଧରି ମାର । ସେଠାରେ ଚୌଧୁରୀ ସଇଦ୍ ଅହେମଦ୍ ଲଖନ୍‌ଙ୍କୁ କଠୋର ନିର୍ଯ୍ୟାତନା ସହ୍ୟ କରିବାକୁ ପଡ଼ିଥିଲା ଅର୍ଥାତ ଅଣ ଅହେମଦୀମାନେ ତାଙ୍କୁ ଅନେକ କଷ୍ଟ ଦେଇଥିଲେ ଫଳତଃ ଜଲ୍‌ସାରେ ବିଶୃଙ୍ଖଳା ସୃଷ୍ଟି ହୋଇ ଜଲ୍‌ସା ବରଖାସ୍ତ ହୋଇଯାଇଥିଲା । ସର୍ବଦା ନିଜ ସନ୍ତାନମାନଙ୍କୁ ଏକଥା କହୁଥିଲେ ଚୌଧୁରୀ ସଇଦ୍ ସାହେବ ଯେ ଅହେମଦୀୟତ ସମ୍ପର୍କରେ କଦାପି କାହା ସମ୍ମୁଖରେ ଦବିଯିବି ନାହିଁ ନା ଡ଼ରିବ ନାହିଁ ।

ଦ୍ଵିତୀୟ ଯନାଜାଃ ହେଉଛି ଶ୍ରୀମାନ୍ ମୁହମ୍ମଦ ଶାହାବୁଦ୍ଦିନ୍ ସାହେବ ନାଏବ ନ୍ୟାସନାଲ ଅମିର ବଙ୍ଗଳାଦେଶଙ୍କର ଯିଏ ୧୨ ଜୁଲାଇରେ ଦେହ ତ୍ୟାଗ କଲେ । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*** । ସେ ମାତ୍ର୧୮ ବର୍ଷ ବୟସରେ ଏକ ସ୍ଵପ୍ନ ଆଧାରରେ ୧୯୬୪ ମସିହାରେ ଯମାତ୍‌ରେ

ସାମିଲ ହୋଇଯାଇଥିଲେ । ସେ ଜଣେ ମୁସି ବ୍ୟକ୍ତି ଥିଲେ ଏବଂ ଯମାତ୍‌ର ପୁରାତନ ସେବକମାନଙ୍କ ମଧ୍ୟରୁ ଜଣେ ଥିଲେ । ଅନେକ ସୁଗୁଣର ଅଧିକାରି ତଥା ଖିଲାଫତ୍‌ର ପାଗଳପ୍ରେମୀ ଥିଲେ । ଜଣେ ବିଶ୍ୱସ୍ତ ନୀରବ ସ୍ୱଭାବ ଓ ଯମାତ୍‌ର ହିତ ପାଇଁ ସର୍ବଦା ଚେଷ୍ଟା କରୁଥିବା ବ୍ୟକ୍ତି ଥିଲେ । ନିଜର ଦେହାନ୍ତ ପୂର୍ବରୁ ନିଜର ସମସ୍ତ ଚାନ୍ଦା ପଇଠ କରିଦେଇଥିଲେ । ତାଙ୍କର ବଡ଼ ପୁତ୍ର ଶମସୁଦ୍ଦୀନ୍ ଅହେମଦ ମାସୁମ୍ ମୁବଲିଗ୍ ସିଲ୍‌ସିଲା ଅଛନ୍ତି । ମରହୁମ୍ ନିଜ ପଛରେ ଚାରୋଟି ପୁତ୍ର ଓ ତିନୋଟି କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ସେ ନିଜ ଚଚାଙ୍କ ଦ୍ୱାରା ପ୍ରଭାବିତ ହୋଇ ଯମାତ୍‌ରେ ସାମିଲ ହୋଇଥିଲେ । ନିଜ ଘରେ ଭୀଷଣ ବିରୋଧ ସତ୍ୱେ ୧୯୬୩ ମସିହା ପର୍ଯ୍ୟନ୍ତ ସେ ସବୁ ସହ୍ୟ କରିଥିଲେ ଅର୍ଥାତ ପରିବାରବର୍ଗର ନିର୍ଯ୍ୟାତନା ସହ୍ୟ କରିଥିଲେ । ତା'ପରେ ସେ ଘରବାଡ଼ି ଛାଡ଼ି ଚାଲି ଆସିଥିଲେ ଏବଂ ଢ଼ାକାରେ ଅବସ୍ଥାନ କରିଥିଲେ । ପରେ ତାଙ୍କ ବିବାହ ଏକ ପୂରାତନ ଅହେମଦୀ ପରିବାରରେ ହୋଇଥିଲା । ଅଳ୍ପକେ ସନ୍ତୁଷ୍ଟ, ଧୈର୍ଯ୍ୟଶୀଳ ଏବଂ କୃତଜ୍ଞତାର ସହିତ ଜୀବନ ଯାପନ କରୁଥିବା ବ୍ୟକ୍ତି ଥିଲେ । ତାଙ୍କର ବିଶ୍ୱସ୍ତତା ଯୋଗୁଁ ଅଣଅହେମଦୀ ବ୍ୟବସାୟୀମାନେ ମଧ୍ୟ ତାଙ୍କର ବେଶ୍ ସମ୍ମାନ କରୁଥିଲେ । ଅଲ୍ଲାଃ ତାଲା ମୃତକଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ଶ୍ରୀମାନ୍ ରାଓ୍ୱଲ୍ ଅବଦୁଲ୍ଲାଃ ସାହେବ ଆର୍ଜେଂଟାଂଇନ୍ ନିବାସୀଙ୍କର । ସେ ସେପ୍ଟେମ୍ବର ମାସ ୬ ତାରିଖ ଦିନ ଦେହ ତ୍ୟାଗ କରିଥିଲେ । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*** ସେଠାକାର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି ମୃତକ ଆର୍ଜେଂଟାଇନ୍‌ର ପ୍ରାରମ୍ଭିକ ଅହେମଦୀମାନଙ୍କ ମଧ୍ୟରୁ ଜଣେ ଥିଲେ । ଆର୍ଜେଂଟାଇନ୍ ଏକ ନୂତନ ଯମାତ୍ ଅର୍ଥାତ ଆର୍ଜେଂଟାଇନ ଯମାତ୍ ଏଇ କିଛି ଦିନ ହେବ ପ୍ରତିଷ୍ଠା ହୋଇଛି । ତାଙ୍କର ସମ୍ପର୍କ ୨୦୧୮ ମସିହାରେ ଗୋଟିଏ ବୁକ୍ ଫେୟାରରେ ଜମାତ୍ ଅହେମଦୀୟା ସହିତ ପରିଚୟ ସ୍ଥାପନ ହୋଇଥିଲା । ଯେତେବେଳେ ଯମାତ୍ ସହିତ ତାଙ୍କର ସମ୍ପର୍କ ସ୍ଥାପନ ହେଲା ସେତେବେଳେ ଅଣଅହେମଦୀ ଲୋକମାନେ ତାଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରିଥିଲେ, ତଥାପି ସେ ଯମାତ୍‌ର ପ୍ରୋଗ୍ରାମରେ ନିୟମିତ ରୂପେ ଯୋଗ ଦେଉଥିଲେ । ସେ ଯାହା ହେଉ ନା କାହିଁକି ସେହି ସାଙ୍ଗସାଥିମାନଙ୍କ ଯୋଗୁଁ ତାଙ୍କ ମନରେ ଯାହା କିଛି ସନ୍ଦେହ ରହିଥିଲା ସେ ସବୁ ୟୁ.କେ ଜଲ୍‌ସାରେ ସାମିଲ ହେବା ପରେ ମୋ ସହିତ ସାକ୍ଷାତ କରିବା ପରେ

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ଼୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 04 Nov 2021 Issue No. 44

ANNUAL SUBSCRIPTION:Rs.575/- (Per Issue:Rs.10/-) (WEIGHT - 20-50gms/issue)



**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com


ନିଜର ନମୁନାକୁ ଏପରି ବନାନ୍ତୁ ଯେ ଥଟ୍ଟା ପରିହାସ କରୁଥିବା ଲୋକେ ନିଜେ ହିଁ ନୀରବ ହୋଇଯିବେ । ସେମାନେ ଏହା ଦେଖିବେ ଯେ ଆମେ ତ' ଥଟ୍ଟା ପରିହାସ କରୁଛୁ କିନ୍ତୁ ଏମାନେ ତ ଆମକୁ ପ୍ରକୃତ ଇସ୍‌ଲାମ୍‌ର ଶିକ୍ଷା ଦେଉଛନ୍ତି । ପ୍ରତ୍ୟେକ ମୁରବୀ ଓ ମୁବଲ୍ଲିଗ୍ ଯେତେବେଳେ କର୍ମକ୍ଷେତ୍ରକୁ ଯାଉଛନ୍ତି, ସେତେବେଳେ ସେ ଏ ପ୍ରତିଜ୍ଞା କରିବା ଉଚିତ ଯେ ଆଜିଠାରୁ ମୁଁ ତହଜ୍‌ଜୁଦ୍ ନମାଜ କେବେ ବି ଛାଡ଼ିବି ନାହିଁ ।

## ସୟଦନା ହଜରତ ଅମୀରୁଲ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ପଂଚମ) ଅ:ବ:ଅଙ୍କୁ ପଚରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକର ଅନ୍ତର୍ନିହିତ ଓ ବିଶ୍ୱାସବର୍ଦ୍ଧକ ଉତର

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

### ଭାଗ-୪

ପ୍ରଶ୍ନ- ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ କିଛି ହଦିସ୍‌ରେ ପୁରୁଷମାନଙ୍କ ନିମନ୍ତେ ଲୁହା ମୁଦି ପିନ୍ଧିବାକୁ ମନା କରାଯାଇଥିବା ବିଷୟରେ ଏହି ପ୍ରସଙ୍ଗ ଉପସ୍ଥାପନ କରି ମାର୍ଗଦର୍ଶନ ଚାହିଁଲେ । ପୁଣି ଏ ବାବଦରେ ଯୁବକମାନେ ଆଜିକାଲି ଫେସନ ଭାବରେ ହାତରେ ଯେଉଁ କଙ୍କଣ ଇତ୍ୟାଦି ପିନ୍ଧୁଛନ୍ତି, ତାହା ମଧ୍ୟ ଚର୍ଚ୍ଚା କଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠିରେ ୧୪ ଡ଼ିସେମ୍ବର ୨୦୧୬ ମସିହାରେ ଏହି ପ୍ରସଙ୍ଗରେ ନିମ୍ନଲିଖିତ ଉତର ପ୍ରଦାନ କରିଥିଲେ ।

**ଉତର:** ମୁଁ ଏ ବିଷୟରେ ବିଶ୍ଲେଷଣ ଓ ଗବେଷଣା କରାଇଛି । ଆପଣ ଯେଉଁ ହଦିସକୁ ଉପସ୍ଥାପନ କରିଛନ୍ତି ତାହା ସୁନନେ ଅବୁ ଦାଉଦ୍‌ରେ ବର୍ଣ୍ଣିତ ରହିଛି । ଯେବେ କି ସହି ବୁଖାରୀରେ ଏପରି କିଛି ହଦିସ୍ ମିଳୁଛି ଯେଉଁଥିରେ ଏହା ଉଲ୍ଲେଖ ରହିଛି ଯେ ହଜୁର ସ:ଆ:ସ ଜଣେ ସାହାବିଙ୍କୁ କହିଲେ ଯେ, ତୁମେ ନିଜ ହକ୍ ମୁହର ବାବଦରେ ତୁମ ଲହା ମୁଦିକୁ ଜଣେ ମହିଳାଙ୍କୁ ଦେଇ ତାଙ୍କୁ ବିବାହ କରିନିଅ । ସେହିପରି ସୁନନେ ଅବୁ ଦାଉଦ୍ ପୁସ୍ତକରେ ଏ ହଦିସ୍ ମଧ୍ୟ ରହିଛି ଯେ ହଜୁର ସ:ଆ:ସଙ୍କ ନିଜ ମୁଦି ମଧ୍ୟ ଲୁହାରେ ନିର୍ମିତ ଏକ ମୁଦି ଥିଲା ଯାହା ଉପରେ ରୁପା ପାଣି ଚଢ଼ାଯାଇଥିଲା ।

ଉପର ବର୍ଣ୍ଣିତ ହଦିସ୍‌ର ବ୍ୟାଖ୍ୟାରେ ହଦିସ୍‌ର ଓ୍ୱଲେମାମାନେ ଏହା ମଧ୍ୟ ଲେଖିଛନ୍ତି ଯେ ଲୁହାମୁଦି ପିନ୍ଧିବାକୁ ପସନ୍ଦ କରାଯାଇନଥିବା ହଦିସ୍ ହେଉଛି ଜଇଫ୍ (ଅର୍ଥାତ ଦୁର୍ବଳ ଶ୍ରେଣୀର ହଦିସ୍) ପୁଣି ଲେଖିଛନ୍ତି ଯେ ଯଦି ଲୁହାମୁଦି ପିନ୍ଧିବା ହରାମ୍ (ଅର୍ଥାତ ଅବୈଧ) ହୋଇଥାନ୍ତା ତା'ହେଲେ ଯେଉଁଭଳି ହଜୁର ସ:ଆ:ସ ପୁରୁଷମାନଙ୍କ ପାଇଁ ସୁନା ନିର୍ମିତ ବସ୍ତୁ ପିନ୍ଧିବା ମନା କରିଛନ୍ତି, ସେହିଭଳି ଲୁହା ନିର୍ମିତ ବସ୍ତୁକୁ ବି ସ୍ପଷ୍ଟ ଭାବରେ ନ ପିନ୍ଧିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତେ ।

କିନ୍ତୁ ପୁଅ ପିଲାମାନଙ୍କୁ ନିଜ ହାତରେ କଙ୍କଣ ଓ ବ୍ରେସ୍‌ଲେଟ୍ ପିନ୍ଧିବା ଏମିତି ବି ଏକ ଅବାଞ୍ଛିତ କାର୍ଯ୍ୟ । ତେଣୁ ଏ ସମ୍ବନ୍ଧରେ ଆପଣ ପିୁଅପିଲାମାନଙ୍କୁ ଏହାର ଉତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ ।

**ପ୍ରଶ୍ନ:-** ଜଣେ ମୁରବୀ ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଏହା ଲେଖିଲେ ଯେ ଇଦୈନ୍ (ଦୁଇଟିଯାକ ଈଦ୍ ପର୍ବ)ରେ କିଛି ଲୋକ ମସ୍‌ଜିଦ୍‌ରେ ଆସି ଈଦ୍ ନମାଜ ପୂର୍ବରୁ ତଥା ପରେ ନଫିଲ୍ ନମାଜ ପଢୁଛନ୍ତି । ଏ ବିଷୟରେ ସେ ମାର୍ଗଦର୍ଶନ ଚାହିଁଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୪ ଅକ୍ଟୋବର ୨୦୧୭ରେ ସେହି ମୁରବୀ ସାହେବଙ୍କୁ ଯେଉଁ ଉତର ଦେଇଥିଲେ ଓ ବ୍ୟବସ୍ଥାପିକାକୁ ଯେଉଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ, ତାହା ନିମ୍ନରେ ବର୍ଣ୍ଣନା କରାଗଲା ।

**ଉତର:-** ଈଦ୍ ନମାଜ ପୂର୍ବରୁ ନଫିଲ୍ ନମାଜ ପଢ଼ିବାକୁ ମନା କରାଯାଇଅଛି । ହଦିସ୍‌ରୁ ଏକଥା ପ୍ରମାଣିତ । କିନ୍ତୁ ପରେ ଯଦି ନମାଜ ପଢ଼ିବାର ନିଷେଧ ସମୟ ଆରମ୍ଭ ନ ହୋଇଥାଏ, ତା'ହେଲେ ଘରେ ଯାଇ ନଫିଲ୍ ନମାଜ ପଢ଼ିପାରିବେ । ଏଥିରେ କୌଣସି ଅସୁବିଧା ନାହିଁ ।

ମୁଁ ଜେନେରାଲ୍ ସେକ୍ରେଟାରୀ ସାହେବଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇ ଦେଇଛି ଯେ ଯେଉଁ ଲୋକମାନେ ଈଦ୍ ଦିନ ଈଦ୍ ନମାଜ ପୂର୍ବରୁ ମସ୍‌ଜିଦ୍‌ରେ ଆସି ନଫିଲ୍ ନମାଜ ପାଠ କରୁଛନ୍ତି, ସେମାନଙ୍କୁ ଏ ବିଷୟ ରେ ଅବଗତ କରିବା ପାଇଁ ଅର୍ଥାତ ନଫିଲ୍ ନମାଜ ନ ପଢ଼ିବା ପାଇଁ ଈଦ୍ ପୂର୍ବରୁ ବିଧିବଦ୍ଧ ଘୋଷଣା କରନ୍ତୁ ।

**ପ୍ରଶ୍ନ:** ଜଣେ ବନ୍ଧୁ ନମାଜ ଈଦୈନ୍ ନିଶ୍ଚିତ ପଢ଼ିବା ଓ ଈଦ୍ ନମାଜରେ ଯଦି ଇମାମ୍ ସାହେବ କୌଣସି ରେକାତ୍‌ରେ ତକ୍‌ବିରାତ ଭୂଲି ଯାଆନ୍ତି ଏବଂ ଭୁଲିଯିବା ଯୋଗୁଁ ସଜ୍‌ଦା ସହୁ କରିବା ସମ୍ବନ୍ଧରେ କ'ଣ ନିୟମ ରହିଛି, ଏ ପ୍ରସଙ୍ଗରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୧ ନଭେମ୍ବର ୨୦୧୭ ରେ ଉକ୍ତ ପ୍ରଶ୍ନର ଯେଉଁ ଉତର ଦେଇଥିଲେ ତାହା ନିମ୍ନରେ ପେଶ୍ କରାଯାଇଅଛି ।

**ଉତର:** ଇଦୈନ୍‌ର ନମାଜ ସୁନ୍ନତେ ମୋକଦା (ଅର୍ଥାତ ଏପରି ସୁନ୍ନତ୍ ଯାହାକୁ କରିବା ପାଇଁ ତାଗିଦ୍ କରାଯାଇଛି) ଅଟେ । ଯେଉଁ ମହିଳାମାନଙ୍କୁ ତାଙ୍କର ବିଶେଷ ଦିନ (ଅର୍ଥାତ ଋତୁସ୍ରାବ ହେଉଥିବା ଦିନ)ଗୁଡ଼ିକରେ ନମାଜ ପଢ଼ିବାକୁ ବାରଣ କରାଯାଇଛି । ଅର୍ଥାତ ସେମାନଙ୍କ ପାଇଁ ନମାଜ ସେ ସମୟରେ ଧାର୍ଯ୍ୟ ନାହିଁ, ସେମାନଙ୍କୁ ମଧ୍ୟ ଈଦ୍‌ଗାହ୍‌ରେ ଆସି ମୁସଲମାନମାନଙ୍କ ସହିତ ଦୁଆ (ନୀରବ ପ୍ରାର୍ଥନା)ରେ ସାମିଲ ହେବା ପାଇଁ ଆଁ ହଜୁର ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଇମାମ୍ ତକ୍‌ବିରାତ୍ ଭୂଲିଯିବାର ପ୍ରଶ୍ନ ଉଠୁଛି, ତେବେ ଏ ପରିପ୍ରେକ୍ଷୀରେ ଇମାମ୍‌ଙ୍କ ପଛରେ ନମାଜ ପଢୁଥିବା ମୁକ୍‌ତଦି ଇମାମ୍‌ଙ୍କୁ ମନେ ପକାଇ ଦେବେ । ଯଦି ମୁକ୍‌ତଦି ମନେ ପକାଇବା ସତ୍ତ୍ୱେ ମଧ୍ୟ ଯଦି ଇମାମ୍ ତକ୍‌ବିରାତ୍ ନ କହିପାରନ୍ତି ତା'ହେଲେ ମୁକ୍‌ତଦି ଇମାମ୍‌ଙ୍କୁ ଅନୁସରଣ କରି ଈଦ୍ ନମାଜ ପଢ଼ିବେ । ତକ୍‌ବିରାତ୍ ଭୂଲିଯିବା ଯୋଗୁଁ ଇମାମ୍‌ଙ୍କୁ ସଜ୍‌ଦା ସହୁ କରିବାର ଆବଶ୍ୟକତା ନାହିଁ ।

**ପ୍ରଶ୍ନ:** ଜଣେ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଲୌଣ୍ଡି (ଅର୍ଥା ଦାସିମାନଙ୍କ) ସମ୍ବନ୍ଧରେ ତଫ୍‌ସୀର୍ କବୀର୍‌ରେ ହଜରତ ମୁସ୍‌ଲେହ ମଉଦ୍ ର:ଅ ଚିନ୍ତାଧାରା ବିଷୟ ଉଲ୍ଲେଖ କରି ଏ ବିଷୟରେ ଅଧିକା ଜାଣିବା ପାଇଁ ନିବେଦନ କଲେ । ତତ୍‌ସହିତ ଲଜ୍‌ନା ଇମାଇଲ୍ଲାଃ ପାକିସ୍ତାନ୍‌ର ଇଲ୍‌ମି ରେଲି ଅବସରରେ ଗୋଟିଏ ଡ଼କ୍ୟୁମେଂଟାରୀ ଫିଲ୍ମରେ ଏକ ଦେଢ଼ ମିନିଟ୍ ପର୍ଯ୍ୟନ୍ତ ମ୍ୟୁଜିକ ବାଜିଥିବାର ଅଭିଯୋଗ ମଧ୍ୟ କଲେ । ହଜୁର ଅନଓ୍ୱର ଅ:ବ:ଅ ଏ ବିଷୟରେ ନିଜର ଚିଠି ଲିଖିତ ୨୧ ଫେବୃୟାରୀ ୨୦୧୮ ମସିହାରେ ନିମ୍ନଲିଖିତ ଉତର ପ୍ରଦାନ କରିଛନ୍ତି ।

**ଉତର:** ଲୌଣ୍ଡି (କ୍ରିତଦାସି)ମାନଙ୍କୁ ବିବାହ କରିବା ବିଷୟରେ ଆପଣଙ୍କ ଚିନ୍ତାଧାରା ତଫ୍‌ସୀର୍ କବୀର୍‌ରେ ବର୍ଣ୍ଣିତ ହଜରତ ମୁସ୍‌ଲେହ ମଉଦ୍ ର:ଅଙ୍କ ଦ୍ୱାରା ବର୍ଣ୍ଣିତ ତଫ୍‌ସୀର୍ ମୁତାବକ ବିଲ୍‌କୁଲ୍ ଠିକ୍ ଅଛି ଏବଂ ଏହି ଚିନ୍ତାଧାରା ହଜରତ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ (ପ୍ରଥମ) ର:ଅଙ୍କର ମଧ୍ୟ ଥିଲା ଯେ ଲୌଣ୍ଡିଙ୍କ ସହିତ ନିକାହ୍ କରିବା ଜରୁରୀ ।

ପବିତ୍ର କୁର୍‌ଆନ୍ ଏବଂ ହଜରତ ମସିହ ମଉଦ୍ ଆ:ସଙ୍କ ବାଣୀର ଆଲୋକରେ ମୋର ବି ଏହି ବିଶ୍ୱାସ ରହିଛି ଯେ ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ, ଯେତେବେଳେ ଇସ୍‌ଲାମ୍‌ର ଶତ୍ରୁମାନେ ମୁସଲମାନମାନଙ୍କୁ ନାନା ପ୍ରକାରର କଷଣ ଦେଉଥିଲେ ଓ ସେ ସମୟରେ ଯଦି କୌଣସି ଗରୀବ ଅତ୍ୟାଚାରିତ ମୁସଲମାନ ମହିଳା ତାଙ୍କ ହାତରେ ପଡ଼ିଯାଉଥିଲା, ତାହେଲେ ସେମାନେ ତାଙ୍କୁ (ଅର୍ଥାତ ସେହି ମୁସଲମାନ ମହିଳାଙ୍କୁ) ଦାସି ଭାବରେ ନିଜର ପତ୍ନୀମାନଙ୍କ ମଧ୍ୟରେ ମିଶାଇ ଦେଉଥିଲେ । ଅତଃ ପବିତ୍ର କୁର୍‌ଆନ୍‌ର ଏହି ଶିକ୍ଷା **ଜଯାଉ ସୟେଅତିନ୍ ସୟେଅତୁମ୍ ମିସ୍‌ଲୁହା** ମୁତାବକ ଏପରି ମହିଳାମାନେ ଯେଉଁମାନେ ଇସ୍‌ଲାମ୍ ଉପରେ ଆକ୍ରମଣ କରିବା ସୈନ୍ୟମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଆସୁଥିଲେ ଏବଂ ସେ ସମୟର ପ୍ରଥା ମୁତାବକ ଯୁଦ୍ଧରେ ସେମାନଙ୍କୁ ଦାସି ଭାବରେ ବନ୍ଦୀ କରାଯାଉଥିଲା । ପୁଣି ଶତ୍ରୁପକ୍ଷର ଏହି ମହିଳାମାନେ ମୁକ୍ତି ପାଇବା ପାଇଁ କ୍ଷତିପୂରଣ ପ୍ରଦାନ କରି ବା ମୁକାତିବାତ୍ (ଏକ ପ୍ରକାରର ଚୁକ୍ତି)ର ଶୈଳୀକୁ ଆପଣାଇ ସ୍ୱାଧିନ ହେଉନଥିଲେ, ସେହି ମହିଳାମାନଙ୍କ ସହିତ ନିକାହ୍ କରିବା ପରେ ବୈବାହିକ ସମ୍ପର୍କ ସ୍ଥାପନ ହୋଇପାରୁଥିଲା । କିନ୍ତୁ ଏହି ନିକାହ୍ ନିମନ୍ତେ ସେହି ଦାସିଙ୍କର ସମ୍ମତି ଆବଶ୍ୟକ ହେଉନଥିଲା । ଏହିପରି ଏମିତି କା ଦାସିଙ୍କୁ ବିବାହ କରିବା ଫଳରେ ପୁରୁଷମାନଙ୍କ ପାଇଁ ଚାରିଟି ବିବାହ ପର୍ଯ୍ୟନ୍ତ ଅନୁମତିର କୌଣସି ଫରକ ପଡୁନଥିଲା । ଅର୍ଥାତ ଜଣେ ପୁରୁଷ ଚାରିଟି ବିବାହ କରିବା ପରେ ମଧ୍ୟ ଉପର ବର୍ଣ୍ଣିତ ଦାସିଙ୍କୁ ବିବାହ କରିପାରୁଥିଲା । କିନ୍ତୁ ଯଦି ସେହି ଦାସିଙ୍କଠାରୁ କୌଣସି ସନ୍ତାନ ଜନ୍ମ ହେଉଥିଲା ତା'ହେଲେ ସେ ଉମ୍ମୁଲ୍ ଓ୍ୱଲଦ୍ ଭାବରେ ସ୍ୱାଧିନ ହୋଇଯାଉଥିଲା ।

ଦ୍ୱିତୀୟରେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରୁଥିବା ଶତ୍ରୁପକ୍ଷଙ୍କ ସେନାରେ ସାମିଲ ହୋଇଥିବା ଏପରି ମହିଳାମାନେ, ଯେବେ ସେ ଯୁଗର ପ୍ରଥା ମୁତାବକ ମୁସଲମାନମାନଙ୍କ କବ୍ଜାରେ ଦାସି ହୋଇ ଆସୁଥିଲେ, ସେତେବେଳେ ସେମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିବା ପାଇଁ କୌଣସି ଅନୁଷ୍ଠାନିକ ନିକାହ୍ (ବିବାହ)ର ଆବଶ୍ୟକତା ନଥିଲା । ଏହା ବି ଭୁଲ ନୁହେଁ । ଅତଏବ ହଜରତ ମୁସ୍‌ଲେହ ମଉଦ୍ ର:ଅ ଆଉ କେତେକ ସ୍ଥାନରେ ଏହିପରି ଦାସୀମାନଙ୍କ ସମ୍ବନ୍ଧରେ ଉତର ଦେଇ ଏହି ଚିନ୍ତାଧାରାକୁ ମଧ୍ୟ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan